ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଞ୍ଚଳ

ଅଗଷ୍ଟ ୭-୨୦, ୨୦୧୯

**ସ୍ମରଣୀୟ** : ରାଜକିଶୋର ରାୟ

**ପ୍ରଦକ୍ଷିଣ** : କାର୍ତ୍ତିକ ଚନ୍ଦ୍ର ରଥ

**ପ୍ରଥମ ବହି** : ବଦ୍ରି ମିଶ୍ର

**ପହିଲି ପୁଲକ** : ପୀତାମ୍ବର ତରାଇ



# କ୍ୟାପିଟାଲିଆ ହଡ଼ା

**ବଦ୍ରି ମିଶ୍ରଙ୍କ ଜନ୍ମ ୧୯୫୯ରେ, ପୁରୀ ସହରରେ। ପ୍ରକାଶିତ ପୁସ୍ତକ: 'କ୍ୟାପିଟାଲିଆ ହଡ଼ା', 'ମଣିଷ ଭାଲୁ', 'ନେତା ଭାଗବତ', 'ଛେଳି', 'ଶବ୍ଦବ୍ରହ୍ମ'। ଲେଖକ ଜଣେ କଣ୍ଠଶିଳ୍ପୀ, ଗୀତିକାର, ନାଟକ ଓ ଚଳଚ୍ଚିତ୍ର ଅଭିନେତା ବି।**



ବଦ୍ରି ମିଶ୍ର

୧୯୯୪ ମସିହା କଥା। ୧୯୭୮ରୁ କବିତା, ୧୯୮୪ରୁ ଗଳ୍ପ ଲେଖୁଲେଖୁ ହଠାତ୍ ୧୯୯୨ରୁ ଲେଖୁଥାଏ ରମ୍ୟ ରଚନା। ବିଭିନ୍ନ ଗଣମାଧ୍ୟମ ସେସବୁର ନିୟମିତ ପ୍ରକାଶନ କରୁଥା'ନ୍ତି। ସେତେବେଳକୁ କାହାର ପୁସ୍ତକଟିଏ ଉନ୍ମୋଚନ ହେଲେ ମୋର ଭାରି ଇଚ୍ଛା ହୁଏ, ମୋର କେବେ ଏମିତି ପୁସ୍ତକଟିଏ ଉନ୍ମୋଚନ ହୁଅନ୍ତା ନାହିଁ! ସେ ସମୟରେ ମୋର ଅନେକ କବିତା, କ୍ଷୁଦ୍ରଗଳ୍ପ ଓ ରମ୍ୟ ରଚନା ଦୈନିକ ସମ୍ବାଦପତ୍ର 'ଧରିତ୍ରୀ'ରେ ପ୍ରକାଶ ପାଉଥାଏ। ସେଦିନ ରାତି ୧୦ଟା ୧୦। ଝଡ଼ତୋଫାନ କାରଣରୁ ବାଣୀବିହାର ଷ୍ଟେଶନରେ ସବୁ ଡେଲି ପାସେଞ୍ଜର ଅଟକିଥାଉ। ବର୍ଷା କମିବାରୁ ଷ୍ଟେଶନ ପାଖ 'ଧରିତ୍ରୀ' କାର୍ଯ୍ୟାଳୟ ନିକଟକୁ ଯାଉଥାଏ। ଜିପ୍‌ରୁ ଓହ୍ଲାଉଥା'ନ୍ତି ତଥାଗତ




ସତପଥୀ। ଚିରାଚରିତ ଢଙ୍ଗରେ ରୁମ୍‌କୁ ଡାକିଲେ। ମୋ' ରମ୍ୟ ରଚନାର ଭାବନାକୁ ପ୍ରଶଂସା କରୁକରୁ କହିଲେ– ''ଏଥର ବହିଟିଏ ଛାପ। ମାଲ୍ ରଖିଛ ? ଆରେ ଟଙ୍କା ନୁହେଁମ ! ତୁମ ଲେଖା ଷ୍ଟକ୍।'' ମୁଁ ହଁ କହିଲି। ତତ୍‌କ୍ଷଣାତ୍ ସେ କହିଲେ– 'ସବୁ ଲେଖା ଏଇଠି ଥୋଇଦେବ। ଆମେ ଛାପିଦେବା।' ତଥାଗତ ବାବୁଙ୍କ ଭଲପାଇବା ଭିତରେ କେତେବେଳେ ମୋ' ଗର୍ଭ ରହିଗଲା ଜାଣେନା। 'ମହାତ୍ମା ଜନ୍ମ ନେଲେ' ଠାରୁ 'ସଜନାଛୁଇଁ ଉପାଖ୍ୟାନମ୍', 'କୁକୁରରୁ ଡଗ୍' ଠାରୁ 'ନବବର୍ଷର ଧର୍ଷଣ' ଭଳି ୧୦ଟି ରମ୍ୟ ଗଳ୍ପର କାମ ଚାଲିଲା। ମୋ' ଉପରେ ଥାଏ ବହିର ନାମ ଓ ପ୍ରଚ୍ଛଦ ଚିତ୍ର। ପୁରୀର ବିଶିଷ୍ଟ ଚିତ୍ରଶିଳ୍ପୀ ଭରତ ଦାସଙ୍କୁ ପ୍ରଚ୍ଛଦ ଦାୟିତ୍ୱ ଦେଲି। ଆଉ ବହିର ନାମକରଣ କଲି– 'କ୍ୟାପିଟାଲିଆ ହଡ଼ା'। ଅଚ୍ୟୁତାନନ୍ଦ କର ବହି ସମ୍ପର୍କରେ ଟିପ୍ପଣୀ ରଖିଥିବା ବେଳେ ସାହିତ୍ୟ ଏକାଡେମୀ ସଭାପତି କିଶୋରୀ ଚରଣ ଦାସ, ତଥାଗତ ସତପଥୀ, ଓଡ଼ିଆ ଯୁବ ଲେଖକ ସମ୍ମେଳନର ସମ୍ପାଦକ




ତଥା ମୋର ବନ୍ଧୁ ସୂର୍ଯ୍ୟ ମିଶ୍ର, ଫତୁରାନନ୍ଦ, ଏମାର କେଆର, ସିଦ୍ଧେଶ୍ୱର ମହାପାତ୍ର, ଗିରିଜା ବଳିଆରସିଂହ ଓ ବ୍ରଜନାଥ ରଥ ଅଭିମତ ରଖିଲେ। ଏହି ପୁସ୍ତକର ଶୀର୍ଷକ ଗଳ୍ପରେ ପୁରୀ ସହରର ମୋ' ଭଳି ଦମ୍ଭିଲା ଗାଈ, କିପରି କ୍ୟାପିଟାଲର ଚଳଣିରେ ବୁଢ଼ ପାଲଟି ଯାଉଛି ତାହାର ବର୍ଣ୍ଣନା ଥିଲା। ସେଥିରେ ମୁଁ ଲେଖିଥିଲି ଫ୍ରିଜ୍ ପରିବା ଖାଇଲେ କିପରି ରୋଗ ହୁଏନାହିଁ, ମନ୍ତ୍ରୀ ଦର୍ଶନରେ କିପରି ଦେବତା ଦର୍ଶନରୁ ଅଧିକ ପୁଣ୍ୟ ମିଳେ, ଆଉ ରକ୍ତାକ୍ତ ମଣିଷକୁ କ୍ୟାପିଟାଲର ସ୍ୱାର୍ଥପର ମଣିଷ କିପରି ଉଠାଏ ନାହିଁ, ଏମିତି ଅନେକ କଥା। ସବୁଠାରୁ ଅଧିକ ଆକର୍ଷଣ ଥିଲା, ମୋର ଏହି ପ୍ରଥମ ବହିକୁ ମୁଁ ବାପା–ମାଆ କି ଧର୍ମପତ୍ନୀଙ୍କୁ ସମର୍ପଣ ନ କରି ସମର୍ପଣ କରିଥିଲି– 'ସମାଜର ଅମଣିଷମାନଙ୍କୁ'। ମୋର ପ୍ରଥମ ପୁସ୍ତକ ଜନ୍ମ ନେଲା, ଗର୍ଭଧାରଣର ଠିକ୍ ୧୦ମାସ ୧୦ ଦିନରେ, ୧୯୯୫ର ଅକ୍ଷୟତୃତୀୟାରେ। ଆଶ୍ଚର୍ଯ୍ୟର କଥା, ମୋ' ଧର୍ମପତ୍ନୀ ସୁଲୋଚନାଙ୍କ ନାମରେ ପ୍ରକାଶିତ ମୋର ପ୍ରଥମ ବହିର ଏକ ହଜାର କପି ଏକମାସ ମଧ୍ୟରେ ସରିଯାଇଥିଲା। ଏବେ ଏହା ମଧ୍ୟରେ ମୋର ଦ୍ୱିତୀୟ ରମ୍ୟ ରଚନା 'ମଣିଷ ଭାଲୁ', 'ନେତା ଭାଗବତ', ଗଳ୍ପ ସଂକଳନ 'ଛେଳି' ଓ ଗୀତି–କବିତା ସଂକଳନ 'ଶବ୍ଦବ୍ରହ୍ମ' ପ୍ରକାଶ ପାଇଛି। ତେବେ ପ୍ରଥମ ବହିର ପ୍ରେମ, ପ୍ରଥମ ପ୍ରକାଶନର ଅନନ୍ୟ ଅନୁଭବ ମୋର ସ୍ମରଣ ରହିଛି। ମୋର ଏହି ପ୍ରଥମ ବହି ପାଇଁ ମୁଁ ଓଡ଼ିଶାରେ ଚର୍ଚ୍ଚିତ 'ବଇଦି ମିଶ୍ର'।

# 'ଶେଷ ସୂର୍ଯ୍ୟର ବହ୍ନି' ଗଳ୍ପର କଥନଶୈଳୀ ବାରି ହୋଇ ପଡ଼େ...




ମହାଶୟ,

✻ ଖୁବ୍ ଭଲ ହୋଇଛି ଜୁଲାଇ ୧୦ ତାରିଖ 'ସାହିତ୍ୟାୟନ' ପାକ୍ଷିକ। ଭାସ୍କର ଜେନାଙ୍କ 'ଗୁଣ୍ଡା' ଏକ ସଫଳ କ୍ଷୁଦ୍ରଗଳ୍ପ। ସିଦ୍ଧାର୍ଥ ଯଦିଓ ପରିସ୍ଥିତିର ଚାପରେ ପଡ଼ି ଗୁଣ୍ଡାଗିରି କରେ, ମାତ୍ର ସ୍ତ୍ରୀ ରୀମାର ବୋଲ ନ ମାନି ତାକୁ ଶେଷରେ ନିଜ ପୁତ୍ରକୁ ହରାଇବାକୁ ପଡ଼େ ; ଯାହା ତା' ପାଇଁ ବୁମେରାଂ ହୋଇଛି। ଜଣେ ଗ୍ରେଟ୍ ଷ୍ଟୋରି ରାଇଟର ଭାବେ ଜଣାଶୁଣା ରାମଚନ୍ଦ୍ର ବେହେରା ଅନେକ ପୁରସ୍କାରରେ ସମ୍ମାନିତ। 'ସ୍ମରଣୀୟ' ପୃଷ୍ଠାରେ ସ୍ଥାନିତ ଏପରି ଗାଳ୍ପିକଙ୍କ କଥନଶୈଳୀ 'ଶେଷ ସୂର୍ଯ୍ୟର ବହ୍ନି'ରେ ବାରି ହୋଇ ପଡ଼େ ଆପେଆପେ। ନିଜେ ଅବିନାଶ, ପୁଅ ବିକାଶ, ନାତି ମଣ୍ଟୁକୁ ନେଇ ଅବସର ଦିନଗୁଡ଼ିକର ସ୍ମୃତିଚାରଣ କରିଛନ୍ତି ସେ। ବାଇନୋକୁଲାର ମାଧ୍ୟମରେ ଦେଖିଛନ୍ତି ସୁନ୍ଦରୀ ତରୁଣୀକୁ, ଯାହା ତାଙ୍କ ମାନସପଟରେ ସ୍ମୃତି ହୋଇ ବସା ବାନ୍ଧିଛି। ନିଜେ ଥିଲେ ଯୁବାବସ୍ଥାରେ ପତ୍ନୀହରା। ନିର୍ଜନ କୋଠରି ଭିତରେ ଯଦି ଅବିନାଶ ବାବୁ ଗାଇଥିବେ, ତେବେ– 'ଗୀତ୍ ଗାତା ହୁଁ ମୈ, ଗୁନ୍‌ଗୁନାତା ହୁଁ ମୈ, ମୈନେ ହସନେ କା ୱାଦା କିୟା ଥା କଭି, ଇସ୍‌ଲିୟେ ଅବ୍ ସଦା ମୁସ୍କୁରାତା ହୁଁ ମୈ' ହିନ୍ଦୀ ଗୀତଟି ତାଙ୍କୁ ପସନ୍ଦ ହୁଅନ୍ତା। ଶିରୋନାମରୁ ଜଣାଯାଏ ଗାଳ୍ପିକଙ୍କ ଗଳ୍ପର ମାପକାଠି। ଗୀତି–କବିତା 'ଜୟତୁ ଜୀବନ' ଭବିଷ୍ୟତ ଗଢ଼ିବାକୁ ଶିକ୍ଷାଦିଏ, ଆମକୁ ଜିଣିବାର ଦିଏ ପ୍ରେରଣା। 'ଭାତ'ରେ ରହିଛି କ୍ରୀତଦାସର ବାସ୍ନା, ଭୋକିଲା ମଣିଷର ଶୃଙ୍ଖଳା ସ୍ୱପ୍ନ। 'କାନ୍ଥର ବି କାନଥାଏ' କବିତା ଶିଖାଏ ସତର୍କତା। ଗୁପ୍ତଚରଗିରିର ଚେତନା। 'ମୁଁ ସେଇ ଘରେ ରହେ' କବିତା ମା' ମାଟି, ମମତାର ଏକ ମତୁଆଲା ସୁଗନ୍ଧ। ଏ ବାସ୍ନାର ଶେଷ ନାହିଁ। 'ବୋଉ ଓ ବରଗଛ' କବିତାର ଶବ୍ଦ ସଂଯୋଜନା ଚମତ୍କାର। କାଉ ରତି ଦେଖିଲେ ମୃତ୍ୟୁ ହୁଏ– ଏପରି ଅନ୍ଧବିଶ୍ୱାସ ବି ସ୍ଥାନ ପାଇଛି। ବରଗଛ ଚାନ୍ଦିନୀ ମୂଳେ ବିଭିନ୍ନ ଖେଳର ସୂଚନାକୁ କବି ସୁନ୍ଦର ଭାବେ ଉପସ୍ଥାପିତ କରିଯାଇଛନ୍ତି।

ଦିଲୀପ କୁମାର ଚୌଧୁରୀ ଏନ୍‌ସିଏଲ୍‌ପିରେ ଶିକ୍ଷକତା କରୁଥିଲେ। ସଂପ୍ରତି ରେଡିଓ ସହ ପତ୍ରପତ୍ରିକାର ଜଣେ ନିୟମିତ ଗଳ୍ପ କବିତାଦି ଲେଖିଥା'ନ୍ତି ; ତାଙ୍କ ସ୍ମୃତିଚାରଣ ମନଛୁଆଁ। ପୁଣି 'ପ୍ରଥମ ବହି'ରେ ଅମରେଶ ବିଶ୍ୱାଳ ସ୍ତମ୍ଭିକ ଭାବେ ଲେଖିଆସୁଥିବା 'ଅବକ୍ଷୟମୁଖୀ ଜାତୀୟ ଚରିତ୍ର'କୁ ପୁସ୍ତକ ରୂପ ଦେବା ପଢ଼ି ଜାଣିହେଲା। 'ପୁସ୍ତକ ପରିଚୟ'ରୁ ଉପନ୍ୟାସ 'ମାୟା'ରେ ଐତିହାସିକ ଛିଟା ଲେଖିକାଙ୍କୁ ଜଣେ ଶ୍ରେଷ୍ଠ ପାଠିକାର ସମ୍ମାନ ଦେବ ନିଶ୍ଚୟ। ମୁଖ ପୃଷ୍ଠାରେ ସ୍ଥାନିତ ଶ୍ୱାନ–ମର୍କଟ ସ୍ନେହ ବନ୍ଧନ, ଅସ୍ତରାଗ ସୂର୍ଯ୍ୟର ଦୃଶ୍ୟ, ପୁଷ୍ପ ସବୁଜିମା ସହ ମାଆ ପକ୍ଷୀ ଶିଶୁ ଶାବକମାନଙ୍କୁ ଖାଦ୍ୟ ସ୍ୱଚଞ୍ଚୁରେ ପରଶୁଥିବା ଦୃଶ୍ୟ ଅଭୁଲା ହୋଇ ରହିବ।

– ପ୍ରତାପ ଚନ୍ଦ୍ର ପାଢ଼ୀ, ହେମଲତା ପବ୍ଲିକ ସ୍କୁଲ, ଗୋବିନ୍ଦ ନଗର, ଗୋଳନ୍ଥରା, ଗଞ୍ଜାମ

✻ ଆଷାଢ଼ର ଅନ୍ତକ୍ଷଣର ଏକ ବର୍ଷଣମୁଖର ପ୍ରଭାତରେ 'ସାହିତ୍ୟାୟନ' ୧୦–୨୩ ଜୁଲାଇ ସଂଖ୍ୟା ଆମର ହସ୍ତଗତ ହେଲା। 'ଗୁଣ୍ଡା' ଗଳ୍ପଟି ଅତ୍ୟନ୍ତ ମାର୍ମିକ ହୋଇଛି। 'ସ୍ମୃତି ଓ ଅନୁଭୂତି' ଭଲ ଲାଗିଲା। କବିତାଗୁଡ଼ିକ ସୁଖପାଠ୍ୟ। ଏଥରର ପ୍ରଚ୍ଛଦପଟଟି ଅତ୍ୟନ୍ତ ଆକର୍ଷଣୀୟ ହୋଇଛି।

– ଅରୁଣ କୁମାର ନାୟକ, ମାନସ କୁମାର ଜେନା, ଏରେଇଁ, ଚରମ୍ପା, ଭଦ୍ରକ

✻ 'ଧରିତ୍ରୀ' ଜୁଲାଇ ୧୦–୨୩ ସଂଖ୍ୟାରେ ପ୍ରକାଶିତ 'ଗୁଣ୍ଡା' ଗଳ୍ପଟି ଅତ୍ୟନ୍ତ ସମ୍ବେଦନଶୀଳ ଓ ହୃଦୟସ୍ପର୍ଶୀ। ଏହା ହୁଏତ କାଳ୍ପନିକ, କିନ୍ତୁ ସମାଜରେ ଏମିତି ଅନେକ ସତ୍ୟ ଘଟଣା ଘଟୁଛି। ସାମାନ୍ୟ ବୁଝାମଣା ଅଭାବ ମନୁଷ୍ୟକୁ ବିପଥଗାମୀ କରାଉଛି, ଯାହାର ଶେଷ ନିର୍ଯାସ ହା–ହତାଶ, ଅଶାନ୍ତି। କବିତା 'ବୋଉ ଓ ବରଗଛ' ଏବଂ 'ଭାତ' ଉଚ୍ଚକୋଟୀର।

– ଜ୍ୟୋସ୍ନାରାଣୀ ପଣ୍ଡା, ରାମହରି ନଗର–୨, ବ୍ରହ୍ମପୁର

✻ ଜୁଲାଇ ୧୦–୨୩ 'ସାହିତ୍ୟାୟନ' ପାଇଲି। କ'ଣ ତା' ଭିତରେ ସାରସ୍ୱତ କୃତିମାନ ରହିଛି ପଢ଼ିକରି ମତାମତ ଦେବା ପରମାର୍ଥ କାର୍ଯ୍ୟ ବୋଲି ମନେକଲି। କବିଠାରୁ ସମାଲୋଚକ ବଡ଼, ସ୍ରଷ୍ଟାମାନଙ୍କଠାରୁ ବଡ଼। ଲେଖା ପଢ଼ି ମତାମତ ଶୃଙ୍ଖଳିତ ଭାବରେ ଦେବା ଏବଂ ତାହା ପ୍ରକାଶ ପାଇବା ବଡ଼ ଭାଗ୍ୟର ବିଷୟ। 'ସାହିତ୍ୟାୟନ' ନିଶ୍ଚିତ ଏକ ଉନ୍ନତ ମାନର ସାହିତ୍ୟ ପତ୍ରିକା। ସବୁଥର ଉନ୍ନତ ମାନର ସାରସ୍ୱତ କୃତିମାନ ପ୍ରକାଶ ପାଉଛି, ଯାହା ଓଡ଼ିଆ ଭାଷା ସାହିତ୍ୟର ସ୍ୱାଭିମାନ ରକ୍ଷା କରୁଛି। ଏଥର 'ସାହିତ୍ୟାୟନ'ର ପ୍ରଥମ ପୃଷ୍ଠାରେ ଏକ ବିରଳ ଚିତ୍ର ହୋଇଛି। ଗୋଟିଏ ମାଙ୍କଡ଼ କୁକୁର ଛୁଆ ମୁଣ୍ଡରେ ହାତ ଦେଇ ଆଦର କରୁଛି। ଅମରେଶ ବିଶ୍ୱାଳଙ୍କ ଜୀବନ ଘାତ, ପ୍ରତିଘାତ ନିଜ ଲେଖକ ଜୀବନର ଅଙ୍ଗେନିଭା କାହାଣୀ ରୋମାଞ୍ଚକର। 'ଗୁଣ୍ଡା' ଗଳ୍ପର ମୁଖ୍ୟ ଚରିତ୍ର ସିଦ୍ଧାର୍ଥ। ସେ ଅପରାଧୀ ନ ଥିଲା। ବିନା ଅପରାଧରେ ଅପରାଧୀ ହୋଇ ଜେଲ ଗଲା। ଜେଲରୁ ନିର୍ଦ୍ଦୋଷରେ ଖଲାସ ହେଲା। ଖୁନୀ ଅପରାଧୀ ପାଲଟିଗଲା। ଗାଳ୍ପିକ ଗୋଟାଏ ବାହାଦୁରି ଦେଖାଇଛନ୍ତି ସିଦ୍ଧାର୍ଥର ପୁଅ ଅପରାଧୀ ନ ହୋଇ ଗୋଟିଏ ଭଲ ପିଲା ହୋଇଛି। ଭଲରେ ମାଟ୍ରିକ୍ୟୁଲେସନ ପାସ୍ କରିଛି। ଶେଷରେ କିନ୍ତୁ ସିଦ୍ଧାର୍ଥ ପୁଅ ରଞ୍ଜନକୁ ହରାଇଛି। ପୁଅର ଗୁଳିବିଦ୍ଧ ଶରୀର ଦେଖି ସିଦ୍ଧାର୍ଥ ପାଗଳ ହୋଇଯାଇଛି। ଗଳ୍ପର ପରବର୍ତ୍ତୀ କାହାଣୀ ଗାଳ୍ପିକ ବର୍ଣ୍ଣନା କରିନାହାନ୍ତି। ଲେଖାଟିକୁ ସମସ୍ତ ପାଠିକାପାଠକ ଆନନ୍ଦର ସହ ପଢ଼ିବେ। ଏପରିକି ପରଘରେ ବାସନ ମାଜୁଥିବା ମହିଳା ମଧ୍ୟ ଏ ଗପଟିକୁ ବୁଝିପାରିବ, ପ୍ରଶଂସା କରିବ। ରାମଚନ୍ଦ୍ର ବେହେରାଙ୍କ ଗପ ନିଶ୍ଚିତ ଭାବରେ ଉନ୍ନତ ମାନର। କିନ୍ତୁ ଏତେବଡ଼ ଗପ ପଢ଼ିବାକୁ ପାଠିକା ପାଠକମାନଙ୍କ ସମୟ ଥିଲେ ତ! କବିତାଗୁଡ଼ିକ ସବୁ ଉଚ୍ଚମାନର, ରସମାଧୁର୍ଯ୍ୟରେ ପରିପୂର୍ଣ୍ଣ। ଓଡ଼ିଆ ଭାଷା ସାହିତ୍ୟ ବାଂଲା ଭାଷା ସାହିତ୍ୟଠାରୁ ବହୁ ଉର୍ଦ୍ଧ୍ୱରେ। ଆମ ଓଡ଼ିଶାର ବହୁ ଲେଖକ ଭଲ ଭଲ ଲେଖା ଲେଖୁଛନ୍ତି। 'ସାହିତ୍ୟାୟନ' ପଢ଼ି ମତାମତ ଦେଉଥିବା ପାଠକମାନଙ୍କୁ 'ଧରିତ୍ରୀ' ପକ୍ଷରୁ ପୁରସ୍କୃତ କରାଯିବା ଉଚିତ। କାରଣ ପାଠକମାନେ ଶ୍ରେଷ୍ଠ ବିଚାରକ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

କାର୍ତ୍ତିକ ଚନ୍ଦ୍ର ରଥଙ୍କ ଜନ୍ମ ୧୯୪୯ରେ, ବ୍ରହ୍ମପୁରରେ। ଗତ ଶତାବ୍ଦୀର ଷଷ୍ଠ ଦଶକରୁ ଓଡ଼ିଆ ନାଟ୍ୟ ରଚନାରେ ହାତ ଦେଇଥିବା ଏଇ ଲେଖକ ସତୁରି ଦଶକରେ ଚର୍ଚ୍ଚିତ ହୋଇଥିଲେ ଏକ ନୂଆ ନାଟ୍ୟଧାରାର ପ୍ରବର୍ତ୍ତକ ଭାବେ। 'ସମୁଦ୍ରର ରଙ୍ଗ ଯନ୍ତ୍ରଣା', 'ତୃତୀୟ ପୃଥିବୀ', 'ମାଂସର ଫୁଲ', 'ଚାରିକାନ୍ଥର ନାଟକ' ଓ 'ଶୁକଶାରୀ କଥା' ଭଳି ନାଟକର ଏଇ କାଳଜୟୀ ସ୍ରଷ୍ଟା ମେ ୨୦୧୯ରେ ଓଡ଼ିଶାର ରଙ୍ଗମଞ୍ଚ ଓ ମଞ୍ଚ ତଳର ଦେଖଣାହାରିଙ୍କୁ ପିଠି କରି ପୃଥିବୀରୁ ବିଦାୟ ନେଇଛନ୍ତି। ନିଜର ବ୍ୟାଧିବାହିତ ଶରୀରକୁ ଶବ୍ଦ ଓ ସଂଳାପ ସାଙ୍ଗରେ ବୋହିବୋହି ଆମୃତ୍ୟୁ ସେ ଓଡ଼ିଆ ନାଟକର ନୂଆନୂଆ ଦୀପ୍ତିକୁ ଓଡ଼ିଶା ଓ ଓଡ଼ିଶା ବାହାରେ ଚମକାଇବାକୁ ବିରାମହୀନ ଉଦ୍ୟମ କରିଛନ୍ତି। କଟକର 'କଳା ବିକାଶ କେନ୍ଦ୍ର'ର ଅଳିନ୍ଦରେ ଠିଆ ହେଇ କାନ ଡେରିଲେ ଯେ କେହି ନାଟ୍ୟପ୍ରେମୀଙ୍କୁ ଶୁଭିଯାଏ ତାଙ୍କ ଓସ୍ତାଦିର ହସହସ ତାଗିଦା। ଆଜି ତାଙ୍କ ଅବର୍ତ୍ତମାନରେ ତାଙ୍କ ନାଟ୍ୟକୃତିର ଏଇ ଆକଳନଟି କରିଛନ୍ତି ରଥଙ୍କ ସମସାମୟିକ ଓ ଆମ ସମୟର ପ୍ରଖ୍ୟାତ ନାଟ୍ୟକାର **ଡ. ରମେଶ ପ୍ରସାଦ ପାଣିଗ୍ରାହୀ ।**



କାର୍ତ୍ତିକ ଚନ୍ଦ୍ର ରଥ

# ପ୍ରତ୍ୟାଖ୍ୟାନ ଓ ପ୍ରତିଶ୍ରୁତିର ରୂପକାର

୧୯୭୩ ମସିହାରେ 'ଏଇ ଦେଶ ଏଇ ମାଟି' ନାଟକ ଲେଖି ନାଟ୍ୟକାର ଜୀବନର ଶ୍ରୀଗଣେଶ କରିଥିଲେ କାର୍ତ୍ତିକ ଚନ୍ଦ୍ର ରଥ। କିଶୋର ବୟସରୁ 'ବନ୍ଦନା ଶିଶୁ କିଶୋର ଅନୁଷ୍ଠାନ' ଗଠନ କରି ନାଟକ ଲେଖି, ନିର୍ଦ୍ଦେଶନା ଦେଇ ସେ ତାଙ୍କର ପ୍ରଥମ ନାଟକଟିକୁ ମଞ୍ଚସ୍ଥ କରିଥିଲେ। ସେତେବେଳକୁ ତାଙ୍କ ବୟସ ଚଉଦବର୍ଷ। ଏହାପରେ ବିଂଶ ଶତାବ୍ଦୀର ସପ୍ତମ ଦଶକରେ କାର୍ତ୍ତିକ ନବ୍ୟ ସାହିତ୍ୟ ଆନ୍ଦୋଳନରେ ଅଂଶଗ୍ରହଣ କରି ନବନାଟ୍ୟ ରଚନା କରି ନାଟକର ନବ୍ୟଧାରାକୁ ପୁଷ୍ଟ କରିଛନ୍ତି। ଓଡ଼ିଆ ନବନାଟ୍ୟ ଧାରାକୁ ପ୍ରଥମଥର ପାଇଁ ସେ ଓଡ଼ିଶା ବାହାରକୁ ନେଇଥିଲେ ଓ ଆଲ୍ଲାହାବାଦରେ ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ନାଟ୍ୟ ପ୍ରତିଯୋଗିତାରେ ନିୟମିତ ଭାବେ ଅଂଶଗ୍ରହଣ କରୁଥିଲେ। ହିନ୍ଦୀ ଭାଷାରେ ତାଙ୍କର ପାରଦର୍ଶିତା ଥିବା ଯୋଗୁଁ ସେ ଆଲ୍ଲାହାବାଦ ପ୍ରତିଯୋଗିତାରେ ବିଚାରକ ଭୂମିକା ଗ୍ରହଣ କରୁଥିଲେ। ୧୯୭୧ ମସିହାରେ ତାଙ୍କର ପ୍ରଥମ ଏକାଙ୍କିକା 'ଢେଉ' ପ୍ରକାଶ ପାଇଥିଲା ଏବଂ ସେହି ବର୍ଷ ଆକାଶବାଣୀ କଟକରେ ତାଙ୍କ ନାଟକ 'ଜୀବନ ଯଜ୍ଞ' ପ୍ରସାରିତ ହୋଇଥିଲା। ଇଂଲିଶ୍ 'ମୋରାଲିଟି ପ୍ଲେ' ଶୈଳୀରେ ଲିଖିତ 'ଜୀବନ ଯଜ୍ଞ' ସପ୍ତମ ଦଶକରେ ବେତାର ନାଟକ ଭାବେ ଆକାଶବାଣୀର ଶ୍ରୋତାମାନଙ୍କୁ ଉଦ୍‌ବୁଦ୍ଧ କରିଥିଲା। ନାଟକଟିର ପ୍ରଯୋଜନା କରିଥିଲେ ଦାଶରଥି ପ୍ରସାଦ ଦାସ। ୧୯୭୩ ମସିହାରେ ତାଙ୍କ ନାଟକ 'ଆଜିର ରାଜା' ଅନ୍ନପୂର୍ଣ୍ଣା(କ) ରଂଗମଂଚରେ ବ୍ୟବସାୟିକ ନାଟକ ରୂପେ ମଞ୍ଚସ୍ଥ ହେଲା। ସରକାରଙ୍କର ଏକ ଦାୟିତ୍ୱପୂର୍ଣ୍ଣ ବିଭାଗର ସର୍ବୋଚ୍ଚ ଶାସନକର୍ତ୍ତା କମିଶନର ଯଶୋବନ୍ତ ଚୌଧୁରୀ ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ୍ ହେବାକୁ ଚେଷ୍ଟା କରି ପରାଜୟକୁ ସାମ୍ନା କରିଛନ୍ତି। ସରକାରୀ ନୀତିର ଦ୍ୱାହି ଦେଇ ସମ୍ପୂର୍ଣ୍ଣ ନିରପରାଧ ଦଶ ଜଣ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି।




ଏହି ନାଟକ ପରଠାରୁ ନାଟ୍ୟକାର ରଥ କ୍ଷମତା ଓ କ୍ଷମତାପ୍ରାପ୍ତିର ବିଭିନ୍ନ ଅସାରତାକୁ ନାଟକର ମୁଖ୍ୟ ଭାବକଳ୍ପ ରୂପେ ପ୍ରତିଷ୍ଠା ଦେବାକୁ ପ୍ରୟାସ କରିଛନ୍ତି। ଫଳରେ ତାଙ୍କର ପରବର୍ତ୍ତୀ ନାଟକ 'ସମୁଦ୍ରର ରଂଗ ଯନ୍ତ୍ରଣା' (୧୯୭୭) ଓ 'ତୃତୀୟ ପୃଥିବୀ' (୧୯୭୩) ପ୍ରଭୃତିରେ ସେ ସମାଜର ସ୍ଥିତାବସ୍ଥାକୁ ଭାଙ୍ଗିବା ପାଇଁ ଚେଷ୍ଟା କରୁକରୁ କ୍ଷମତାଶାଳୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏପରିକି ବିବାହ ନାମକ ଏକ ସାମାଜିକ ଅନୁଷ୍ଠାନକୁ ମଧ୍ୟ ସ୍ୱୀକାର କରିନାହାନ୍ତି । 'ତୃତୀୟ ପୃଥିବୀ'ର ସ୍ୱାତୀ କହୁଛି: ''ମୁଁ ଯୋଉ ସୋସାଇଟି ଭିତରେ ବଞ୍ଚିଛି, ଯୋଉ ସର୍କଲ ମଧ୍ୟରେ ମିଶୁଛି, ଯେଉଁ ଫ୍ରେଣ୍ଡ୍‌ଙ୍କ ଗହଣରେ ବସୁଛି, ସେଠି ମୋ' ପାଇଁ ବିବାହଟା ଗୋଟେ ଆବଶ୍ୟକତା ନୁହେଁ, ବରଂ ଗୋଟାଏ ଫେଶନ୍।'' ସେହିପରି 'ସମୁଦ୍ରର ରଂଗ ଯନ୍ତ୍ରଣା'ରେ ସମୁଦ୍ର ହେଇଯାଇଛି ସମସ୍ତ କ୍ଷମତାର ଆଧାର ଶକ୍ତି। 'ମାଂସର ଫୁଲ'(୧୯୭୮) ନାଟକରେ ତୃତୀୟ ଅଭିନେତା କହୁଛି: ''ରିଜେକ୍‌ସନ୍! ପ୍ରତ୍ୟାଖ୍ୟାନ ହିଁ ଆମର ଧର୍ମ। ଅତୀତର ସବୁ ପଦ୍ଧତି, ପରମ୍ପରା... ମୂଲ୍ୟବୋଧ– ଆମେ ସବୁକିଛିକୁ ପ୍ରତ୍ୟାଖ୍ୟାନ କରିବୁ।''

ଏଠାରେ ଉଲ୍ଲେଖ କରାଯାଇପାରେଯେ ସମଗ୍ର ସପ୍ତମ ଦଶକରେ ଯୁବ ଲେଖକ ସମ୍ମିଳନୀ, ଆଭାଁଗାର୍ଦ ସାହିତ୍ୟ ବା ଅତ୍ୟାଧୁନିକ ପରୀକ୍ଷାମୂଳକ ସାହିତ୍ୟର ବାତାବରଣ, ମିନି ପତ୍ରିକା, ସନେଟ୍ ଓ ହାଇକୁ କବିତାର ପ୍ରଚଳନ ଏବଂ ଓଡ଼ିଶାର ପ୍ରତ୍ୟେକ ଆଞ୍ଚଳିକ ସହରରେ ହୋଇଥିବା ପରୀକ୍ଷାମୂଳକ ସାହିତ୍ୟର ଆବେଦନ ଦ୍ୱାରା ସ୍ୱର୍ଗତ ରଥ ପ୍ରଭାବିତ ହୋଇଥିବାରୁ ତାଙ୍କ ନାଟକରେ ଆଧୁନିକତାର ସ୍ୱର ଅଧିକ ଶାଣିତ। ଆମେ ଅନେକ ସମୟରେ କହିଥାଉଯେ ପରମ୍ପରାର ସମାଧି ଉପରେ ହିଁ ଆଧୁନିକତାର ସୌଧ ନିର୍ମିତ। କିଛି ସମାଲୋଚକଙ୍କୁ ଏଗୁଡ଼ିକ ନେତିବାଚକ ଜୀବନ ଦର୍ଶନ ପରି ମନେ ହୋଇପାରେ, କିନ୍ତୁ ସପ୍ତମ ଦଶକରେ ସମଗ୍ର ଭାରତୀୟ ସାହିତ୍ୟରେ ଅକବିତା, ପ୍ରତି ନାଟକ ଓ ଅନାଟକ ଇତ୍ୟାଦିର ଯେଉଁ ସ୍ୱର ଶୁଭୁଥିଲା, ସ୍ୱର୍ଗତ ରଥଙ୍କ ନାଟକରେ ସେଗୁଡ଼ିକ ହିଁ ବିଦ୍ୟମାନ। ତାଙ୍କର 'ଚାରି କାଂଥର ନାଟକ'ରେ ଏହି ଉଗ୍ର ଆଧୁନିକତାର ସ୍ୱର ହିଁ ବିଦ୍ୟମାନ। 'ଶୁକଶାରୀ କଥା' (୧୯୮୧) ନାଟକରେ ବିକଳାଙ୍ଗ ମଣିଷ ପ୍ରତି ହେଉଥିବା ସାମାଜିକ ଅତ୍ୟାଚାରର ଆଲେଖ୍ୟ ମିଳୁଥିବାବେଳେ ସାମ୍ପ୍ରତିକ ମଣିଷର ଅସହାୟତା ଓ ନିମ୍ନ ମଧ୍ୟବିତ୍ତ ପରିବାରର ଯନ୍ତ୍ରଣା ବିଦଗ୍ଧ ଦର୍ଶକଙ୍କ ଅବବୋଧକୁ ବେଶ୍ ଆନ୍ଦୋଳିତ କରିଥିଲା।

---

ମିନି ଗଳ୍ପ



# ପର ପିଲା

ଡା. ସଚ୍ଚିଦାନନ୍ଦ ଶତପଥୀ

**ସୁ**ଷମା ଦେଖିଲା, ତା'ଠାରୁ ଟିକିଏ ଦୂରରେ ଠିଆ ହୋଇ ପିଲାଟିଏ କାନ୍ଦୁଛି। ଅଝଟ ହେବା ଭଳି ଖୁବ୍ ଜୋରରେ କାନ୍ଦୁଛି। ଜଣେ ଭଦ୍ରବ୍ୟକ୍ତି ଭାରି ଅସହାୟ ଭାବରେ ତା' ପାଖରେ ଠିଆ ହୋଇଥା'ନ୍ତି। ତାକୁ ବୁଝାଇବାକୁ ଚେଷ୍ଟା କରୁଥା'ନ୍ତି। ବୋଧହୁଏ ତା' ବାପା ହେବେ। ହେଲେ ତା' ମା'କୁ କାହିଁ କେଉଁଠି ଦେଖି ପାରୁ ନ ଥିଲା ସୁଷମା। ବାପା ତା'ର ଯେତେ ଚେଷ୍ଟା କଲେ ବି ପିଲାଟିର କାନ୍ଦ ବନ୍ଦ ହେଉ ନ ଥିଲା।

ପିଲାଟି କାନ୍ଦୁଥିଲା ଅତି ଜୋରରେ। ତା' କାନ୍ଦକୁ ଦେଖି ଖୁବ୍ ଅଥୟ ହୋଇପଡ଼ିଲା ସୁଷମା। ମା' ମନ ତା'ର ବିକଳ ହୋଇ ଉଠିଲା। ଆଜିକୁ ଆଠବର୍ଷ ହେଲାଣି ତା'ର ବାହାଘର। ହେଲେ ଏ ପର୍ଯ୍ୟନ୍ତ ସେ ମା' ହୋଇ ପାରିଲା ନାହିଁ। ସବୁ ଓଷା, ବ୍ରତ, ପୂଜା, ପାର୍ବଣ, ମାନସିକ, ଡାକ୍ତରୀ, କବିରାଜ ଚିକିତ୍ସା ସରିଯାଇଛି। ହେଲେ ତା'ର ହୃଦୟ ଭିତରେ ରହିଥିବା ମା'ର ଶୂନ୍ୟସ୍ଥାନଟି ପୂରଣ ହୋଇପାରି ନାହିଁ। ସେଇଥିପାଇଁ ବୋଧହୁଏ ଛୋଟ ପିଲାଙ୍କ ପାଇଁ ତା' ମନ ଭିତରେ ଏତେ ସ୍ନେହ, ଏତେ ମମତା ଭରି ହୋଇ ଯାଇଛି। କେଉଁଠି କେମିତି ଛୋଟ ପିଲାଟିଏ ଦେଖିଲେ ମନ ତା'ର ଆତୁର ହୋଇଉଠେ। ତା'ର ମାତୃ ହୃଦୟ ବିଳାପ କରି ଉଠେ। ପିଲାଟାକୁ ଟିକେ କୋଳେଇ ନେଇ ଗେଲ କରିବାକୁ ତା' ମନ ଛଟପଟ ହୁଏ।

ସୁଷମା ଦେଖିଲା ଆଗରେ ତା'ର ପିଲାଟା ସେମିତି କାନ୍ଦୁଛି ରାହା ଧରି କଇଁକଇଁ ହୋଇ। ଲୁହ, ଲାଳ, ସିଙ୍ଘାଣି ସବୁ ଏକାଠି ହୋଇଯାଇଛି। ଅସହାୟ ବାପା ତା'ର କାନ୍ଦକୁ ବନ୍ଦ କରିପାରୁ ନାହାନ୍ତି। ବିକଳ ହୋଇ ଏଣେତେଣେ ଚାହୁଁଛନ୍ତି। ବୋଧହୁଏ ପିଲାଟିର ମା'କୁ ଖୋଜୁଛନ୍ତି। ହେଲେ ପିଲାଟିର ମା' ଦେଖାନାହିଁ।

ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ ସୁଷମା। ପିଲାଟିକୁ ପାଖକୁ ଡାକି ଆଣିଲା ଓ ତାକୁ କୋଳେଇ ନେଲା। ମୁହଁରୁ ତା'ର ଲୁହ ଲାଳ ସବୁ ସଫା କରିଦେଲା। ମୁଣ୍ଡ ଆଉ ଗାଲକୁ ଆଉଁଶି ଦେଇ ତା' ପାଟିରେ ଗୋଟାଏ ଚକୋଲେଟ୍ ଗୁଞ୍ଜିଦେଲା।

ପିଲାଟି ତୁନି ହୋଇଗଲା। ବାତ୍ସଲ୍ୟ ମମତାରେ ସୁଷମା ପିଲାଟିକୁ ନିଜ ଆଡ଼କୁ ଡାକିନେଲା। ପିଲାଟି ମଧ୍ୟ ବିନା ଦ୍ୱିଧାରେ ସୁଷମା କୋଳକୁ ଆଉଜି ପଡ଼ିଲା। ଅତ୍ୟନ୍ତ କୃତଜ୍ଞତାପୂର୍ଣ୍ଣ ଆଖିରେ ଭଦ୍ରବ୍ୟକ୍ତି ଜଣକ ସୁଷମା ଆଡ଼କୁ ଚାହିଁ ରହିଥିଲେ।

ହଠାତ୍ ଝଡ଼ ବେଗରେ ପହଞ୍ଚିଗଲେ ଜଣେ ଭଦ୍ର ମହିଳା। ନିଶ୍ଚୟ ତା'ର ମା' ହୋଇଥିବେ। ଖୁବ୍ ଉତ୍ତେଜିତ ଜଣାପଡୁଥିଲେ। ରାଗରେ ତମତମ ହେଉଥିଲେ ଓ ମୁହଁ ତାଙ୍କର ଲାଲ ପଡ଼ିଯାଇଥିଲା। ସୁଷମା ଉପରେ ଗର୍ଜି ଉଠି କହିଲେ, ''ପର ପିଲାକୁ ଗେଲ କରିବା ଓ ତା' ପାଟିରେ ଚକୋଲେଟ୍ ଗୁଞ୍ଜିବା କୌଣସି ଭଦ୍ର ମହିଳାଙ୍କ କାମ ନୁହେଁ। ହୃଦୟ ଯଦି ସ୍ନେହରେ ଏତେ ଫାଟିପଡୁଛି, ସେଗୁଡ଼ାକ ନିଜ ପିଲା ଉପରେ ଢାଳିଦେବା ଭଲ।''

ପିଲାଟିର ପାଟିରୁ ଚକୋଲେଟ୍‌ଟିକୁ କାଢ଼ି ଫୋପାଡ଼ି ଦେଇ ଖୁବ୍ ଜୋରରେ ତାକୁ ଟାଣି ନେଇ ଦୂରକୁ ଦୂରେଇଗଲେ ଭଦ୍ର ମହିଳା ଜଣକ ଏବଂ ତାଙ୍କ ପଛେପଛେ ଭଦ୍ର ବ୍ୟକ୍ତି ଜଣକ ମଧ୍ୟ ଖୁବ୍ ଅସହାୟ ଭାବରେ ସୁଷମା ଆଡ଼କୁ ଟିକେ ଚାହିଁ ଦେଇ। ପିଲାଟି ମଧ୍ୟ ସୁଷମା ଆଡ଼କୁ ଚାହିଁ ରହିଥିଲା ଏକ ଲୟରେ।

ନୀରବ ଆଉ ନିଶ୍ଚଳ ଭାବେ ଠିଆ ହୋଇ ରହିଲା ସୁଷମା। ହେଲେ ପିଲାଟି ଉପରୁ ଆଖି ଫେରାଇ ପାରୁ ନ ଥିଲା।

*– ନିମନ୍ତ୍ରଣ, ୮୯, ଶକ୍ତିନଗର, ଲିଙ୍କରୋଡ, କଟକ–୧୨*

ସ୍ମରଣୀୟ

ରାଜକିଶୋର ରାୟ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ କଥା ସାହିତ୍ୟର ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ବିଷୟନ୍ୟାସରେ ପାଠକ ତାଙ୍କ ଗଳ୍ପରୁ ଖୋଜିପାଏ ଜୀବନର ଗଭୀରତମ ଦୁଃଖ, ଆଉ ତା'ର ଅପନୋଦନ ପାଇଁ ସ୍ରଷ୍ଟାର ଅସୀମ ଦରଦ। ଭାଷାକୁ ଯେଉଁ ଗରିମାମୟ ଐଶ୍ୱର୍ଯ୍ୟ ପ୍ରଦାନ କରନ୍ତି ଲେଖକ, ତା'ର କ୍ୱଚିତ୍ ଦୃଷ୍ଟାନ୍ତ ତାଙ୍କ ସମକାଳରେ ଉପଲବ୍ଧ। 'ଜୟଶଙ୍ଖ', 'ଏହି କି ଦେବାୟତନ', 'ପଙ୍କ ଚନ୍ଦନ' ଓ 'ଦୁର୍ବଳ ଦେବାଳୟ' ଭଳି ଗଳ୍ପଗ୍ରନ୍ଥର ଏହି ଅମର ସ୍ରଷ୍ଟାଙ୍କର ଏକ ବହୁପଠିତ ଗଳ୍ପ 'ଦଶହରା ଭେଟି' ଏଥରର 'ସ୍ମରଣୀୟ'ରେ...

# ଦଶହରା ଭେଟି

**ରାଜକିଶୋର ରାୟ**

ଆଶ୍ୱିନର ନରମ ସକାଳ। ନମ୍ର ସବୁଜ ଘାସର ଗାଲିଚା ଉପରେ ସୁନା ସୋରିଷିଆ ଖରାର ଖେଳ; ପ୍ରକାଣ୍ଡ ଇଗଲ୍ ପକ୍ଷୀର ପକ୍ଷଛାୟା ଭଳି ଅଶିଣ ଖରା ଉପରେ ଈଶାନ୍ ବାୟୁ ବହମାନ ମେଘଖଣ୍ଡର ସାମୟିକ ସନ୍ତରଣ; ସ୍ୱଚ୍ଛ ଆକାଶ ଓ ଶ୍ୟାମ ଧରଣୀ ଭିତରେ ଅଭିନ୍ନ ଶାନ୍ତି ଭାବର ସତନ୍ଦ୍ର ଆବେଶ ସୃଷ୍ଟି କରିଛି ଏକ ମହାବିଜନତା, ଯାହାର ଏକ କ୍ଷୀଣ ଧାରା ସୁନନ୍ଦାକୁ ବହିର୍ଜଗତଠାରୁ ବିଚ୍ଛିନ୍ନ କରାଇ କରିଅଛି କେଉଁ ରାଜପୁରୀ ଅଲିଅଳ ଜେମା...ମଉନୀ...ମଉନାବତୀ।

ସୁନନ୍ଦା ମୋର ସ୍ତ୍ରୀ।

ମୋର ଅପକ୍ୱ ବୟସରେ ତାଙ୍କ ସହିତ ବିବାହ ହୋଇଯାଇଛି। ତେଣୁ ଉପଯାଚିତ ହୋଇ ତାଙ୍କଠାରୁ ଯାହା କିଛି ଭିକ୍ଷା ମୁଁ ଚାହେଁ- ଧନୀର ସନ୍ତାନ ସେ- ତାହା ମୋର ଶୂନ୍ୟ ଥାଳରେ ସେ ଅଜାଡ଼ି ଦିଅନ୍ତି ସତ; ମାତ୍ର ସେଇ ଅଜାଡ଼ିବାରେ ଯେଉଁ ତିଳ ପ୍ରାୟ 'ଅହଂ' ଲୁଚି ରହିଥାଏ, ତାହା ମୁଁ ଶୁଷ୍କ ମୁଖରେ ମରଣ ଅବଧି ସହିନେଇ ପାରନ୍ତି, କିନ୍ତୁ ପାରେନା; କାରଣ ମୁଁ ତାଙ୍କର ସ୍ୱାମୀ।

ସୁନନ୍ଦା କାବ୍ୟ କବିତାର ପ୍ରେୟସୀ। ମୁଁ ଖାଣ୍ଟି ବାସ୍ତବବାଦୀ। ମୋ' ଆଗରେ ମୃତ୍ୟୁ- ମୃତ୍ୟୁ, ଜୀବନ-ଜୀବନ, ମରଣ ଭିତରେ ମୁଁ ଅମୃତ ହସ୍ତର ଇଙ୍ଗିତ ଦେଖେନି କି ଜନ୍ମ ବା ସୃଷ୍ଟିରେ ମୁଁ ହୁଏନି ଆତ୍ମହରା।

ଆଜି ଯେଉଁ ଅଶିଣ ସକାଳ କଥା ମୁଁ କହୁଛି, ଠିକ୍ ସେହି ସକାଳ, କୋଡ଼ିଏ ବର୍ଷ ତଳେ ସୁନନ୍ଦାର ଶ୍ରୀ ଉପରେ ସଙ୍ଗୀତ ଢାଳିଥିଲା। ସେହି ସଙ୍ଗୀତ ଆଜି ବି ମୋ' ପ୍ରାଣକୁ ମଧୁଛନ୍ଦରେ ଉଥଳ କରେ, ଯେତେବେଳେ ମୁଁ ତାଙ୍କର ହାସଦୀପ୍ତ ତୃପ୍ତ ମୁଖ ଉପରେ ନେତ୍ରପାତ କରେ। ଏତେ ରୂପ! ସେ ରୂପରେ ପୁଣି ଏତେ ତନ୍ଦ୍ରା! ଏତେ ସ୍ୱପ୍ନ! ଏତେ ବୁଭୁକ୍ଷା!

ଅନ୍ତର୍ଯ୍ୟାମୀ ଜାଣନ୍ତି, ଏଇ ମୋର ସ୍ତ୍ରୀ ସୁନନ୍ଦା ପାଇଁ ମୁଁ କ'ଣ ବା ନ କରିଛି, ନ କରୁଛି। କବିତା ସେ ଭଲ ପାଆନ୍ତି ବୋଲି ତାଙ୍କ ପାଇଁ ଆଣି ଦେଇଛି ସୁନେଲୀ ରଙ୍ଗର ମରକ୍କୋ ଚମଡ଼ାବନ୍ଧା ଓମାର ଖୈଆମର ସୁରା ଓ ସାକୀର କବିତା ବହି। ସେ ବହି ସୁନନ୍ଦା ପଢ଼ନ୍ତି। ମଦର ସ୍ରାବ ଝରିପଡ଼େ ତାଙ୍କର ଓଲମ୍ବ ଦିଓଟି ଆଖିପତାରୁ। କାଚନଳ ଭଳି ସ୍ୱଚ୍ଛ କଣ୍ଠଦେଶରେ ତାଙ୍କର ଦୁଇଟି ନୀଳ ଶିରା ଉତ୍ତେଜନାର ଉତ୍ତାପରେ ଲୋହିତବର୍ଣ୍ଣ ଧରେ। ତା' ବି ମୁଁ ଧୀର ଚକ୍ଷୁରେ ଉପଭୋଗ କରେ। ସେ ଛବି ଭଲପାଆନ୍ତି ବୋଲି ମୁଁ ଗ୍ରୀସୀୟ ଆର୍ଟର ଚିରନ୍ତନ କଳାକୁଞ୍ଜରୁ ତୋଳି ଆଣିଛି ରୂପବତୀ, ଭିନିଷ୍‌ର ଉଲଗ୍ନ ଛବି, ଟାଙ୍ଗି ଦେଇଛି ବି ତାଙ୍କରି ଶୋଇବା ଘର କାନ୍ଥରେ। ନାରୀ ସେ, କିନ୍ତୁ ଦିନେ ହେଲେ ତ ଏଇ ରୂପସୀ ଗ୍ରୀସୀୟ ଦେବୀ ମୂର୍ତ୍ତିର ଅନାବୃତ ରୂପକାନ୍ତିକୁ ଦେଖି ଶିହରି ଉଠିନାହାନ୍ତି? ସେ ଫୁଲ ଭଲପାଆନ୍ତି; ସେଥିପାଇଁ ମାଳୀକୁ ମୁଁ ହୁକୁମ୍ ଦେଇଥାଏ ପ୍ରତି ଋତୁରେ ପ୍ରକୃତି ଯେଉଁ ଫୁଲର ସମ୍ଭାର ନେଇ ମୋ' ବଗିଚାରେ ପସରା ମେଲାଏ, ତାହା ଯେପରି ସୁନନ୍ଦାର ଟେବୁଲ ଉପରେ ତାଜା ଆଉ ଜିଅନ୍ତା ଭାବରେ ରହିପାରିବ। ତେଣୁ କୃଷ୍ଣଚୂଡ଼ା, ଗୋଲାପ, ରକ୍ତ କରବୀର, ଥରେଥରେ ସୁନନ୍ଦାର ଗଭାରେ ମଣ୍ଡଣି ହୋଇଥିବାର ମୁଁ ଦେଖେ। ମୁଁ ଦିଏ, ଦେଇଛି, ଦେଇ ବି ଯାଉଛି; କିନ୍ତୁ ସେ କ'ଣ ଦେଇ ଶିଖି ନାହାନ୍ତି? ସେ କାହିଁକି ଦେବେ? ଯେ ସମ୍ପୂର୍ଣ୍ଣ ସେ ଅପୂର୍ଣ୍ଣର କଥା ଭାବିବ କାହିଁକି?

ଏ ବ୍ୟବଧାନକୁ ଦଳି ଦେବା ପାଇଁ ଆମ ଜୀବନରେ କୌଣସି ଆଶ୍ରୟ ନ ଥିଲା। ସୁନନ୍ଦାର ଆଶ୍ରୟ କାବ୍ୟ କବିତା, ଛବି, ବନ୍ଧୁସଙ୍ଗ, ପୂର୍ତ୍ତି- ଆଉ ମୋର ଆଶ୍ରୟ, ନିଃସଙ୍ଗ ଜୀବନରେ ଯାହା ହୋଇଥାଏ- କେବଳ ଭାବନା... ମରୁର ସୀମାହୀନ ସୀମା ଭଳି ଅସୀମ ଭାବନା।

ସେଦିନ ବିଜୟାଦଶମୀର ପ୍ରଭାତ, ସୁନ୍ଦର ଓ ସୁଖର ପ୍ରଭାତ। ସୁନନ୍ଦା ସକାଳୁ ଗୁଣୁଗୁଣୁ ହୋଇ ତାଙ୍କ କୋଠରିଟି ସଜାଇବାରେ ଲାଗିଛନ୍ତି। ଗତ ରାତ୍ରିର ଅଳସଭାବ ଧୀରେ କଟିଯାଇଛି ତାଙ୍କ ଆଖିପତାରୁ। ଶରତର ସ୍ୱର୍ଣ୍ଣ କିରଣରେ ଗବାକ୍ଷ ପଥ ହୋଇଛି ରଞ୍ଜିତ।

ଗୃହ ସଜ୍ଜା ସରିଛି। ମୁଁ ଅନ୍ୟମନସ୍କ ଭାବରେ ବସି ରହିଛି କାଉଚ୍ ଉପରେ। ଦୂରରେ ଦଶଭୁଜା ମଣ୍ଡପରେ ନହବତ୍‌ର ତାନ ତରଙ୍ଗାୟିତ ହୋଇ ବହିଆସୁଛି ଧୀରେ... ଅତି ଧୀରେ।

ସୁନନ୍ଦା ସାବୁନରେ ହାତ ଧୋଉଧୋଉ କହିଲେ, ''ଏଇ ଯାଃ ଭୁଲିଗଲି, ତୁମ ରୁମ୍‌ଟାରେ ଟିକିଏ ହାତମାରି ଆଣିପାରିଲି ନାହିଁ; କିନ୍ତୁ ତୁମେ ଯେଉଁ ଛବିଗୁଡ଼ାକ ଟାଙ୍ଗିଛ! ଉଃ କି ଭୟଙ୍କର! ମତେ ବଡ଼ ଭୟ ଲଗେ। କି ଯେ Taste!''

ନହବତ୍‌ର ସୁରରେ ମୋର ପ୍ରାଣ ଯେପରି ବିଜଡ଼ିତ ହୋଇ ଯାଇଥିଲା। ସୁନନ୍ଦାର କଥାରେ ମୋର ଅଭିନିବେଶ ଭାଙ୍ଗିଗଲା, କହିଲି- ସୁନ, ମୁଁ ନିଜେ ଯେତେବେଳେ ତୁମର ରୁଚିକର ହୋଇପାରୁନି, ମୋର ରୁମ୍, ମୋର ଛବି, ମୋର ଟେଷ୍ଟ କିପରି ବା ତୁମର ପ୍ରିୟ ହେବ?

'ଏଇ ରାଗିଲ ବୋଧହୁଏ' କହି ସୁନନ୍ଦା ତାଙ୍କର କେତକୀ ଭ୍ରୂରୁ ନଚାଇ ମୋ' ଆଡ଼େ ହାଣିଲେ କଟାକ୍ଷ।

ନା, ମୁଁ ରାଗି ନାହିଁ। ଯଦି ପାର ମହାତ୍ମାଙ୍କର ସେଇ ଚାଇନା କ୍ଲେ ମୂର୍ତ୍ତିଟି ପେଟ୍ରୋଲ ଦେଇ ସଫା କରି ରଖ। ଚାକରକୁ କହିଲେ ଘରଟା ପରିଷ୍କାର କରିଦେବ। ଆଚ୍ଛା, କେଉଁ ଛବିଗୁଡ଼ାକ ବଡ଼ ଭୟଙ୍କର ବୋଲି କହୁଛ ସୁନ? ଉତ୍କଳମଣିଙ୍କର? ବିଶ୍ୱରେ ଯେଉଁ ଗୋଟାଏ ବୋଲି ଲୋକ ହୃଦୟ ଫଟାଇ କିଛିଦିନ କାନ୍ଦି ପାରିଥିଲା? ଗୌତମଙ୍କର ମାୟାମୁକ୍ତ ହୋଇ ସନ୍ନ୍ୟାସ ଯାତ୍ରା? ଯାହାଙ୍କର ଅମୃତବାଣୀ ଶତ ସନ୍ତପ୍ତ ପ୍ରାଣରେ ଜରା ଓ ମୃତ୍ୟୁର ଭୟ ଦୂର କରୁଛି? ଦୀନବନ୍ଧୁ? ସାହେବ ହେଲେ ବି ସେ ମହାଭାରତୀୟ ଅଟନ୍ତି? ପାରନେଲ? ଭରଜିନ୍ ମେରୀ? ନିଉଟନ୍? ଶିବାଜୀ? ଫ୍ଲୋରେନ୍ସ ନାଇଟିଙ୍ଗେଲ? କାହାକୁ ଭୟ କରୁଛ?

ବର୍ଷବର୍ଷ ଧରି ଏଇସବୁ ଛବି ମୋର ପ୍ରକୋଷ୍ଠ ଅଳଙ୍କୃତ କରୁଛି। ସୁନନ୍ଦା ଦେଖିଛନ୍ତି, ଜାଣିଛନ୍ତି- ତଥାପି ତାଙ୍କର ଭୟ! ପୁଣି ପଚାରିଲି- ''କେଉଁ ଛବିଗୁଡ଼ାକ ଭୟର କାରଣ, ମୁଁ ଏହିକ୍ଷଣି ଦୂର କରିଦେବି। ତୁମର ପରିତୃପ୍ତି ପାଇଁ ମୋର ଏତେଦିନର ଦାନ-ବୃକ୍ଷରେ ଗୋଟିଏମାତ୍ର କୀଟ ମୁଁ ଛାଡ଼ିଦେଇ ପାରେନା।''

''ନା ଗୋ, ସେ ସବୁ ଛବି କଥା ମୁଁ କହୁନାହିଁ। ସାତ ଆଠ ଦିନ ତଳେ ଯେଉଁସବୁ ଛବି ଖବରକାଗଜରୁ କାଟି ବଡ଼ ବଡ଼ ପେଷ୍ଟବୋର୍ଡରେ ଲଗାଇ ରଖିଛ, ସେ କ'ଣ ସବୁ ସତ?''

କାବ୍ୟ କବିତା ମୋଦି ମୋର ନିଜ ଅଙ୍କ ଲକ୍ଷ୍ମୀ; ଏଇ ବାସ୍ତବ ଚିତ୍ରଗୁଡ଼ାକ ଅଳୀକ ବୋଲି ଭାବୁଛି! କହିଲି- 'ସାବୁନ ହାତରେ ଶୁଖିଗଲାଣି, ଧୋଇ ଆସ।' ହଁ, ମନେପଡ଼ିଲା, ଆଜି ଯେ ଦଶହରା। ମୋର କର୍ତ୍ତବ୍ୟ ନା, ଆନନ୍ଦ- ତୁମକୁ କିଛି ଉପହାର ଦେବା। ଦେବି, କିନ୍ତୁ କ'ଣ ଦେବି?

ସୁନନ୍ଦା ଅଭିମାନିନୀ। ଏଇ କଥାଟା ସେ କଥା ପ୍ରସଙ୍ଗରେ ଉଠେଇବେ ବୋଲି 'ତୁମ ରୁମ୍‌ଟାରେ ହାତ ଦେଇପାରିଲି ନାହିଁ।' ଆରମ୍ଭ କରିଥିଲେ; କିନ୍ତୁ କଥାର ସ୍ରୋତ ଧରିଲା ଭିନ୍ନ ଆକାର।

ସୁନନ୍ଦା ଉତ୍‌ଫୁଲ୍ଲ ହୋଇ କହିଲେ- 'କାହିଁକି ମନେପଡ଼ିବ? ଏ ବର୍ଷ କିନ୍ତୁ ମୁଁ ଛାଡ଼ିବି ନାହିଁ। ଗୋଟିଏ ରେଡିଓ, ଗୋଟିଏ ସେଟ୍ ଇଭିନିଂ ପ୍ୟାରି, ଆଉ ମୋ' ପାଇଁ ଦୁଇଖଣ୍ଡ ଦାମିକିଆ ଶାଢ଼ି। ତା' ପରେ ସନ୍ଧ୍ୟାରେ ନିମନ୍ତ୍ରଣ ନିଶ୍ଚୟ। ସେଥିପାଇଁ ଲେମନସ୍କ୍ୱାଶ ଦୁଇ ବୋତଲ, ଟର୍କି ଦୁଇଟା, ବାଦାମ, ପେସ୍ତା, ଅଙ୍ଗୁର ସବୁଥିରୁ ଦୁଇ ଦୁଇ ସେର' ଆଉ-

'ଥାଉ ସୁନ। ଆଚ୍ଛା କେଉଁମାନେ ନିମନ୍ତ୍ରିତ ହେବେ?'

ସୁନ ହସିହସି ଆରମ୍ଭ କଲେ- ପ୍ରେମରାଜବାବୁଙ୍କୁ ନିମନ୍ତ୍ରଣ କରିବା। ସେ ନୂଆ ସବ୍‌ଜଜ୍ ହୋଇ ଆସିଛନ୍ତି। ତାଙ୍କ ସ୍ତ୍ରୀ ଚାନ୍ଦିନୀ, ମୋର ପିଲାଦିନର ସାଥୀ। ଆଉ ପୁପୁ, ମିନା, ତାଙ୍କର ଛୋଟ ପୁଅ ଝିଅ। ତା'ପରେ ବଙ୍କିମବାବୁ ପ୍ଲିଡର। ଜୋଶେଫ ରାଉତ ଓ ତାଙ୍କ ସ୍ତ୍ରୀ ଇଭ୍ ରାଉତ। ତୁମେ ନିଶ୍ଚୟ ଚିହ୍ନ, ସେମାନେ ତୁମର ଖୁବ୍ ପ୍ରଶଂସା କରନ୍ତି। ଯୁଦ୍ଧ ସଭାରେ ତୁମର ବକ୍ତୃତା ଅବିକଳ ନକଲ କରି ତାଙ୍କ କାଗଜରେ ଛପେଇଥିଲେ। ଚରଣକିଙ୍କର ବାବୁ ଯଦିଓ ଅବିବାହିତ-

ଏତିକିବେଳେ- 'ମାଆ, ଦୁଃଖିଆ ମାଆ ଦୁଆରେ ଛିଡ଼ା ହେଇଛି, ତା' ପୁଅକୁ ଦୁଧ ଖୁଆଇବ, ଟିକିଏ ଚିନି ମାଗୁଛି' କହି ଚାକର ରମୁ ସାଆନ୍ତାଣୀଙ୍କର ଆଦେଶ ଅପେକ୍ଷାରେ ରହିଲା। କଥା କହିଲା ବେଳେ ସୁନନ୍ଦାକୁ କିଏ ବାଧା ଦେଲେ ସେ ବିରକ୍ତ ହୁଅନ୍ତି। ସାଙ୍ଗେସାଙ୍ଗେ ଆଦେଶ ମିଳିଲା- 'ନା, ଚିନି ନାହିଁ।' ମୁଁ ପଚାରିଲି- 'ରମୁ, ତା'ର ପିଲାଟି କେଡ଼େ?' ରମୁ ସନ୍ତର୍ପଣରେ ଟିକିଏ ମାଆଙ୍କୁ ଅନେଇ କହିଲା- ''ଏଇ ମାସକର ହେବ। ବଡ଼ ଦୁଃଖ ବାବୁ ତା'ର; ଦୁଧ ଟିକିଏ ମିଳେ ନାଇଁ ଯେ ଖାଲିପାଟିରେ ଚିନି ଦେଇ ସେ କଅଁଳ ଛୁଆଟିକୁ ହାପୁଡ଼େଇ ଦିଏ। ଆପଣ ଥିଲେ ବୋଲି ଲାଜ ମାଡ଼ିଲା ତାକୁ, ସେଥିପାଇଁ ମିଛରେ କହିଲା ଦୁଧ। ମୁଁ ଜାଣେ ଛୁଆଟା ଖାଲି ପାଣି ପିଏ।''

କାଉଚ୍ ଉପରୁ ମୁଁ ଉଠି ଛିଡ଼ା ହେଲି। ଦୁର୍ଗା ମଣ୍ଡପରୁ ନହବତ୍‌ର ଧ୍ୱନି ଭାସି ଆସୁଥାଏ। କହିଲି- 'ରମୁ, ସେରେ ଚିନି ତାକୁ ଦେ। ଆଉ ତାକୁ କହ, ତା'ର ପିଲା ଦୁଇ ବର୍ଷ ହେବାଯାଏଁ ନିତି ସକାଳେ ଆସି ସେରେ ଗାଈ ଦୁଧ ଘରୁ ନେଇ ଯାଉଥିବ। କ'ଣ କହୁଛ ସୁନନ୍ଦା? ପିଲାଟା ବଞ୍ଚିଯାଉ।' ସୁନନ୍ଦା କିଛି କହିବା ପୂର୍ବରୁ ମୁଁ କହି ଚାଲିଲି- 'ହଁ, ସବୁ କିଣା ହେବ, ନିମନ୍ତ୍ରଣ ବି କରାଯିବ, କିନ୍ତୁ ଜିନିଷ ସବୁ କିଣିବାକୁ ତୁମକୁ ମୋ' ସାଙ୍ଗରେ ଯିବାକୁ ହେବ ବଜାରକୁ। ମାଇପଙ୍କ ପସନ୍ଦ ଆଗରେ ଆମ ପସନ୍ଦ ପାସଙ୍ଗରେ ପଡ଼େ? ଶୀଘ୍ର ତିଆର ହୋଇଯାଅ। ଆଉ ରମୁ, ତୁ ଡ୍ରାଇଭରକୁ କହ ମଟରଟା ଗ୍ୟାରେଜରେ ରଖି ସେ ଘରକୁ ଯାଉ। ତା'ର ତ ପୁଣି ପିଲାପିଲି ଅଛନ୍ତି। ଆଜି ଯେ ଦଶହରା?''

'କିନ୍ତୁ ମୁଁ ଯେ ବଜାର ଯିବି ବୋଲି କହିଲ?' ସୁନନ୍ଦା ବ୍ୟଥିତ ଦୃଷ୍ଟିରେ ଏତକ କହି ମୁହଁ ଫେରାଇ ରହିଲେ।

ମୁଁ ଆସ୍ତେ କହିଲି- ଆଜିଠୁ ଏବେ କୁଳ ଭୁଆସୁଣୀ ନ ହେଲେ କ୍ଷତି କ'ଣ? ତୁମେ ପାଦରେ ଯିବ, ଦେଖିବ, ବୁଝିବ। ଏଥିରେ ତୁମର ଇଞ୍ଜିନିୟର ସ୍ୱାମୀ ଲାଜ ପାଇବେ ନାହିଁ। ତୁମର ଭୟ କ'ଣ?

x x x x

ସହରର ଛକ ଜାଗାମାନଙ୍କରେ ଜନସମାଗମ ବେଶୀ। ଶାରଦୀୟ ପୂଜାର ସମ୍ଭାର ନଗରର ବୁକୁ ଉପରେ ଐନ୍ଦ୍ରଜାଲିକ ଶୋଭା ରଚନା କରିଛି। କାହାର ଯେପରି ଅବକାଶ ନାହିଁ, ନାହିଁ ଅବସର କିମ୍ବା ଅବସାଦ। ସୁନନ୍ଦାକୁ ମୋ' ପାଖେପାଖେ ଚଲେଇ ମୁଁ ଯାଉଛି ତାଙ୍କ ଲାଗି ପୂଜାର ଉପହାର କିଣିଦେବା ପାଇଁ।

ହଠାତ୍ କାହିଁକି ସୁନନ୍ଦା ମୋର ଦୃଷ୍ଟି ଆକର୍ଷଣ କରି କହିଲେ- 'ଇଃ... ଇଲୋ କେଡ଼େ ଅସନା ପିଲାଟାଏ ମ!' ମୁଁ ବୋଧହୁଏ ଆଉ କ'ଣ ଭାବୁଥିଲି। ଚାଲୁଚାଲୁ କହିଲି- କେଉଁ ପିଲା?

'ମାଗନ୍ତାଟାଏ, ଦେଖ ମ, ଦେଖ ମ... କୁକୁର ବାନ୍ତିଗୁଡ଼ାକ କିମିତି ଚାଟି ପକାଉଛି! ଇହି ଇଲୋ, ମାଆ ଲୋ, ଥୁଃ ଥୁଃ, ମାଆ କି ତା'ର କ'ଣ ଗାତ ଚୁଲି ହେବ, ଛିଡ଼ା ହୋଇ ତାକୁ ଅନେଇଛି ଖାଲି ବାଲୁବାଲୁ କରି! ଇହି... ଚାଲ ଚାଲମ, ମୋ' ମୁଣ୍ଡ କ'ଣ ହୋଇଯାଉଛି- ଚାଲ...।'

ସୁନନ୍ଦାର ବିସ୍ଫାରିତ ନେତ୍ରର ଦୃଷ୍ଟି ଯେଉଁଆଡ଼େ ତାଙ୍କୁ ଅଭିଭୂତ କରି ସ୍ଥାଣୁ ଭଳି ଛିଡ଼ା କରେଇଛି, ସେଇଆଡ଼େ ମୁଁ ଚାହିଁ ଦେଖିଲି, ଯାହା କି ମଣିଷ କେବେ ସଜ୍ଞାନରେ ଦେଖିଲେ କମ୍ପି ଉଠିବ!

ଅନ୍ଦାଜ ପାଞ୍ଚବର୍ଷର ମଣିଷ ପିଲା। ମୁଣ୍ଡଟା ହାଣ୍ଡି ଭଳି; ଉଦରଟା ଫୁଲିଛି ଅସମ୍ଭବ ଭାବେ। ଆଖି ନାହିଁ, କେବଳ ଗାଡ଼ ଦୁଇଟା, ଗୋଟାଏ ଧାର ପିମ୍ପୁଡ଼ି ସେ ଗାଡ଼ ଦି'ଟାକୁ ଆକ୍ରମଣ କରିବାକୁ ଆଗେଇଛନ୍ତି। ହାତ ଗୋଡ଼ ଚାରିଟା ଚାରିଖଣ୍ଡି କାଉଁରିଆ କାଠି। ହାଡ଼ ତଳକୁ ଚିପି ହୋଇଯାଇଛି ଚମ। ହନୁହାଡ଼ ଦିଇଟା ମୁଣ୍ଡ ଖପୁରିରୁ ଆଠ ଆଙ୍ଗୁଳ ଖଣ୍ଡେ ବାହାରି ଆସିଛି। କୁକୁରଟାର ସଦ୍ୟ ବାନ୍ତିରୁ ଯେଉଁ କ୍ଷୀଣ ବାଷ୍ପ ବାହାରୁଛି, ଶୁଙ୍ଘି ହତଭାଗା ବାଆଁ ହାତ ପାପୁଲିରେ ପୋଷେ ବାନ୍ତି ଧରି ଡାହାଣ ହାତର ଖଡ଼ିକା ଭଳି ଆଙ୍ଗୁଠିରେ ସେଇ ବାନ୍ତି ଭିତରୁ ଅଧପଚା ତଣ୍ଡୁଳ କେତୁଟା ପାଟିକୁ ପକାଇ ଦେଉଛି ଟପ୍... ଟପ୍। ତା'ର ବୁଭୁକ୍ଷା ଯେପରି ଅପ୍ରତିହତ... ବିରାଟ। ତା' ପରେପରେ ଦେଖିଲି ଟୋକାଟା ଭାତଦାନା ବାନ୍ତି ଭିତରୁ ଆଉ ଘାଣ୍ଟି ନ ପାରି ପୋଷାକଯାକ କୁକୁରବାନ୍ତି ଟୋଳିଦେଲା ପାପୁଲି ଠେଲି!!

ଛାତିଟା ମୋର ଧଡାକ୍‌କିନା ହୋଇ ସ୍ପନ୍ଦନହୀନ ହୋଇଗଲା। ନିଜକୁ ସମ୍ଭାଳି ନେଇ ସ୍ତ୍ରୀଙ୍କୁ ଅନେଇଲି, ସେ ନାକରେ ପଣତ ଦେଇ ଥୁ ଥୁ କରୁଛନ୍ତି। ହତଭାଗାର ମାଆ ଆଡ଼କୁ ଚାହିଁ ଦେଖିଲି, ଏ କି ହୃଦୟବିଦାରକ ଦୃଶ୍ୟ! ନର୍ଦ୍ଦମା ଉପରେ ଭାସମାନ ଖଲି ଖଣ୍ଡେ। ପଡ଼ିଉଠି ଦଉଡ଼ି ଅଭାଗୀ ସେ ଖଲି ଖଣ୍ଡି ଛାଣି ଆଣିଛି ପୂତିଗନ୍ଧମୟ ନର୍ଦ୍ଦମାରୁ। ବୋଧହୁଏ ସେ ଆଶା କରିଥିଲା, ବହୁତ ଭରସା ରଖିଥିଲା ଭାଗ୍ୟ ଉପରେ। ଲୋଭୀ ତସ୍କର ଭଳି ଖଲିଟାକୁ ସାଉଁଟି ଆଣି ମେଲେଇ ଦେଖେ ତ ସବୁ ଶୂନ୍ୟ। ତା'ର ଆଖି ଆଗରେ ଘନ ଅନ୍ଧାର। ଯେପରି ଶତ ସହସ୍ର ଭୂମଣ୍ଡଳ ସେଇ ମହାଶୂନ୍ୟର ମହାଗ୍ରାସ ଭିତରେ ଲୀନ ହୋଇ ଯାଇଛନ୍ତି। ଧାଇଁ ଆସିଲା ସେ ରାକ୍ଷସୀ ପରି; ଗୋଟିଏ ନିର୍ଘାତ ନାତରେ 'ମର ବାଡ଼ିପଡ଼ା' କହି ପିଲାଟାକୁ ତଳେ ପକାଇଦେଲା, ଆଉ ପରକ୍ଷଣରେ ହତଭାଗିନୀ ଶୋଷି ଦେଇଗଲା କୁକୁରର କ୍ଲେଦମିଶା ପଚା ଲାଳ... ବାନ୍ତି!!

ଡାକିଲି- 'ଶୁଣୁଛ?'

'ଏଁ।'

'ରେଡିଓ ଦୋକାନ ଆଉ ଦୂରକୁ ଟିକିଏ ଅଛି।'

'ରେଡିଓ?'

'ହୁଁ।'

'ଯିବା ଚାଲ।'

ସହରର ରାଜପଥ ଛାଡ଼ି ଗଳି ଭିତରେ ପହଞ୍ଚିଲୁ ମୁଁ ଓ ସୁନନ୍ଦା। ସୁନନ୍ଦାର ପଥଚଲା ଅଭ୍ୟାସ ନାହିଁ। ତାଙ୍କୁ ବାଧିଲାଣି। ହଠାତ୍ ଶୁଣିଲି କିଏ କହୁଛି- ଦୁଇ ମାସର ପିଲା; ମାସେ ହେଲା କ୍ଷୀର ମୁହଁ ଦେଖିନି। ମାଆ ଡାଙ୍କୁଣୀ ଯାହା ପେଯ ମନ୍ଦେ ତାକୁ ପିଆଇଦେଲା। ପିଲାଟା ତା' ଆଖି କାନ ଖୋସି ମାଆ କୋଳରେ ସେଇଠି ଢଳିପଡ଼ିଲା, ହା ଭଗବାନ! ଆହା!

ମୁଁ ଆଗେଇ ଚାଲିଲି –

ସୁନନ୍ଦା ମୋର ହାତ ଧରି କହିଲେ- 'କୁଆଡ଼େ ଯାଉଛ?'

'କାହିଁକି ଶାଢ଼ି, ରେଡିଓ, ତା' ପରେ ଅଙ୍ଗୁରପେସ୍ତା, ଏସବୁ?'

'ନା ଥାଉ'- ଦେଖିଲି ସୁନନ୍ଦାର ଆଖି ଛଳଛଳ, କପାଳରେ ଝାଳ।

'– ରାମ ନାମ ସତ୍ୟ... ରାମ ନାମ...'

'ଉଃ' କହି ସୁନନ୍ଦା ଚିତ୍କାର କରି ଉଠିଲେ। ମୁଁ ବ୍ୟସ୍ତ ହୋଇ ଗୋଟିଏ ଚଳନ୍ତା ଟାକ୍‌ସି ଅଟକାଇ ସୁନନ୍ଦାର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବସାଇ ଡ୍ରାଇଭରକୁ କହିଲି, 'ଚଲା ବଙ୍ଗଳାକୁ'।

ଠିକ୍ ସେତିକିବେଳେ ନିଖିଳ ଶବ ସଂସ୍କାର ସମିତିର ଜଣେ ସେବକ ମତେ ନମସ୍କାର କରି ମଟର ପାଖେ ଛିଡ଼ା ହେଲେ। କାନ୍ଧ ଉପରେ ସମିତିର ହୁଦା।

'ସାର୍, ବୁଢ଼ା ଆଠ ଦିନ ଭୋକରେ ରହି ଏହିକ୍ଷଣି ଟଳିପଡ଼ିଲା। ପ୍ରତିଦିନ ପିଲା, ମଣିଷ, ମାଇପି ବୁଢ଼ା ହୋଇ ଦଶ ପନ୍ଦର ଉଠେଇନେବାକୁ ପଡୁଛି। ଆପଣଙ୍କ ଭଳି ବଦାନ୍ୟ ବ୍ୟକ୍ତିଙ୍କ ପାଖରୁ ଏ ସମିତି କିଛି ସାହାଯ୍ୟ ଭିକ୍ଷା କରେ। ଦେବେ ସାର୍ କିଛି?'

ସୁନନ୍ଦାର ବେପଥୁ ହାତ ବଢ଼ାଇଦେଲା କୋଡ଼ିଏଟି ଟଙ୍କା। ଆଖିର ପାଣିରେ ତାଙ୍କର ଆଖି ଦୁଇଟି ସେତେବେଳକୁ ବୁଡ଼ି ଯାଇଥିଲା। ଏଭଳି ଭାବପ୍ରବଣା ମାଆଙ୍କୁ ଦେଖି ସେବକଟି ବୋଧହୁଏ ସଙ୍କୁଚିତ ନ ହୋଇ କହିଲା–

'ମାଆ ଏ ଜାତି ଅଭିଶପ୍ତ। କେବେ ଶୁଣିଛନ୍ତି ନ ଖାଇ ଭୋକ ଉପାସରେ କେଉଁ ଜାତି ମରିଛି? ମଫସଲର କାହାଣୀ ନ ଶୁଣିବା ହିଁ ଭଲ। ପଟାଳି ପରେ ପଟାଳି, କେବଳ ଅନାହାର ନୁହେଁ, ମହାମାରୀ, ମାଲେରିଆ। ଅଖାଦ୍ୟ ଖାଇଲେ ପିଣ୍ଡ ରହିବ ତ ମାଆ? ମୁଁ ଯାଏଁ, ଧନ୍ୟବାଦ... ରାମ ନାମ ସତ୍ୟ ହେ'...

ଲୋକଟି ଚାଲିଗଲା। ମୁଁ ଚାହିଁଛି, ଅମ୍ଳାନ ବଦନରେ କୋକେଇରେ ସେ କାନ୍ଧ ଦେଇଦେଲା।

'ସୁନନ୍ଦା–' ମୁଁ ଡାକିଲି। ମୋର ଆର୍ଦ୍ର କଣ୍ଠରେ ବୋଧହୁଏ ଡାକଟା ଭୟଙ୍କର ଶୁଭିଥିବ। ସୁନନ୍ଦା ଚମକି ମୋ' ମୁହଁକୁ ଚାହିଁ ରହିଲେ; ମୁଁ କହିଲି –

'ଟାକ୍‌ସି ଚାଲୁ– ବଙ୍ଗଳାକୁ ନୁହେଁ। ଶାଢ଼ି... ଶାଢ଼ି ଦୋକାନକୁ– ଅଙ୍ଗୁର ଦୋକାନକୁ, ଜଜ୍ ସାହେବଙ୍କୁ ନିମନ୍ତ୍ରଣ କରାଯିବ ଯେ...'

ସୁନନ୍ଦାର ଉଚ୍ଛ୍ୱସିତ କୋହ ସହିବାର ସୀମା ପାର ହୋଇଥିଲା। କହିଲେ, ''ମତେ କ୍ଷମାକର। ପୋଡ଼ିଯାଉ ସେ ନିମନ୍ତ୍ରଣ। ମୋର ରାଣ ଖାଅ, ତୁମ ରୁମ୍‌ରେ ଯେଉଁ ଏଇଭଳି ଦୁଃଖୀ ଭୋକୀ ଶୋଷୀଙ୍କର ଛବି ରହିଛି, ସେ ସବୁ ଆଜିଠାରୁ ମୋ' ଘରେ ରହିବ। ଆଉ ଦେଖ– ରେଡିଓ, ଶାଢ଼ି ଆଉସବୁ ଜିନିଷ ପାଇଁ ଯେଉଁ ସାତଶ ଟଙ୍କା ଆଣିଛ, ତାହାରି ଖର୍ଚ୍ଚରେ ଏଇମାନଙ୍କ ମୁହଁରେ ମୁଠିଏ ମୁଠିଏ ପକାଅ, ଢୋକେ ପାଣି ଦିଅ। ସେତକ ସରିଗଲେ ମୁଁ ଆଉ ଟଙ୍କା ଯୋଗାଇଦେବି। ଏମାନେ କିପରି ବଞ୍ଚନ୍ତୁ।''

ସେହିଦିନଠୁଁ 'ସୁନନ୍ଦା ଭୋଜନାଳୟ' ପ୍ରତିଷ୍ଠିତ ହୋଇଛି। ପ୍ରତି ସଞ୍ଜରେ ସେଠାରେ ପାଞ୍ଚଶହରୁ ଊର୍ଦ୍ଧ୍ୱ ଭିକାରି ଭିକାରୁଣୀ ମୁହଁରେ ଦାନା ଦିଅନ୍ତି। ନିଜେ ସୁନନ୍ଦା ଚୁଲାରେ ବସାନ୍ତି ହାଣ୍ଡି, ସାକ୍ଷାତ୍ ଅନ୍ନପୂର୍ଣ୍ଣା! ମୋର ଜୀବନ ସାର୍ଥକ ହୋଇଛି। ମିଳେଇ ଯାଇଛି ଦୁଇ ହୃଦୟ ଭିତରେ ତୁଙ୍ଗ ବ୍ୟବଧାନ।



## ॥ ବର୍ଷା ଅବସରରେ ୪ ଅଣୁଗଳ୍ପ ॥

**ମୃଣାଳ**

ବୁବୁନ ଆଉ ବୁନି ଭାଇଭଉଣୀ। ବୁବୁନ ଚତୁର୍ଥରେ ପଢ଼େ, ବୁନି ଦ୍ୱିତୀୟ। ପାଠ ପଢ଼ି ବସିଛନ୍ତି ଦୁହେଁ। ପଢ଼ି ବସିଛନ୍ତି ମାନେ ସାମ୍ନାରେ ବହିପତ୍ର ଖୋଲାଅଛି। ପାଠରେ କାହାରି ମନ ନାହିଁ। ପାଣିପାଗ ବିଭାଗ ଭୀଷଣ ବର୍ଷାର ଚେତାବନୀ ଦେଇଛି, ତେଣୁ ସ୍କୁଲ ତାଙ୍କର ଛୁଟି। ହେଲେ ମା' କହିଛି: ପାଠ ପଢ଼। ଆକାଶରେ କଳାହାଣ୍ଡିଆ ମେଘ। ଝିପିରିଝିପିରି ବର୍ଷା ହୋଇଚାଲିଛି। ବର୍ଷା ହେଲାମାତ୍ରେ ତାଙ୍କ ବସ୍ତି ରାସ୍ତାରେ ଆଣ୍ଠୁଏ ପାଣି। ପାଣି ତ ନୁହେଁ ନର୍ଦ୍ଦମା ପାଣି। ବୁବୁନ ଏକଡ଼ ସେକଡ଼ ଦେଖିଲା– ମା' ନାଇଁ ତ ଆଖପାଖରେ! ତା'ପରେ ଖାତା ଚିରି ତିଆରି କଲା ଡଙ୍ଗା। ଭସେଇଲା ପାଣିରେ। କାଗଜଡଙ୍ଗା ହଲି ଦୋହଲି ଚାଲିଲା ତ ବୁନି ଖୁସିରେ ତାଳିମାରି ପାଟିକରି ଉଠିଲା।

ମା' ଥିଲା ରୋଷେଇ ଘରେ। ପାଟି ଶୁଣି ସେ ଆସି ଦେଖିଲାବେଳକୁ ଭାଇଭଉଣୀ ଘର ବାରଣ୍ଡାରେ। ପାଣିରେ ଭାସୁଛି କାଗଜଡଙ୍ଗା। ବୁବୁନ ଭାବିଲା ଏଥର ମା' ତା' ପିଠି ଫଟେଇ ଦେବ। ଏକରେ ତ ଖାତା ଚିରିଛି। ଖାତାର ଯା' ଦାମ୍ ହେଲାଣି! ତା'ପରେ ଏ ନର୍ଦ୍ଦମା ପାଣିରେ ପଶି ଡଙ୍ଗା ଭସେଇଛି!

ମା' ଭାସି ଯାଉଥିବା କାଗଜଡଙ୍ଗାକୁ ଦେଖି କହିଲା: ଆମେ ବି ବର୍ଷା ହେଲେ ଗାଁ ଦାଣ୍ଡରେ ଡଙ୍ଗା ଭସଉଥିଲୁ।

ମା' ଆଖିରେ ଚିକ୍‌ଚିକ୍ କରୁଛି ବର୍ଷା।

---

ହେ ଭଗବାନ୍! ଏତେ ରୋମାଣ୍ଟିକ୍ ବର୍ଷାର ସନ୍ଧ୍ୟା! ଆଉ ମୋର ଗୋଟିଏ ବି ଗର୍ଲଫ୍ରେଣ୍ଡ୍ ନାହିଁ। ଏମିତି ରିମ୍‌ଝିମ୍ ରେଶମୀ ସଞ୍ଜ ଫାଲ୍‌ତୁରେ କଟିଯାଉଛି ପ୍ରଭୁ। ହାବୁଲ୍ ରାସ୍ତା କଡ଼ ମନ୍ଦିରରେ ଟଂକିକିଆ ମୁଦ୍ରାଟି ପିତଳ ଥାଳିରେ ପକେଇ ଦେଇ କହିଲା– କ'ଣ କିଛି କର।

ଭଗବାନ ସେଦିନ ଭଲ ମୁଡ୍‌ରେ ଥିଲେ। କହିଲେ ତଥାସ୍ତୁ। ପରଦିନ ହାବୁଲ୍‌କୁ ଗର୍ଲଫ୍ରେଣ୍ଡ୍ ମିଳିଗଲା। ଜିନ୍‌ସ ଟପ୍ ପିନ୍ଧା ଟିପ୍‌ଟପ୍ ଝକାସ୍ ଗର୍ଲଫ୍ରେଣ୍ଡ୍।

ତିନିଦିନ ପରେ ହାବୁଲ୍ ଭଗବାନ୍‌ଙ୍କୁ କହିଲା– କ'ଣ କଲ ପ୍ରଭୁ! ଥଟ୍ଟା ବୁଝୁନ! ଗର୍ଲଫ୍ରେଣ୍ଡ୍ ନାହିଁ କହିଲି ବୋଲି କ'ଣ ସତରେ ପଠେଇ ଦେବ! ଏବେ ୟାକୁ ମେଣ୍ଟେନ୍ କେମିତି କରିବି? ଗର୍ଲଫ୍ରେଣ୍ଡ୍‌ର ପଚିଶ ଡିମାଣ୍ଡ। ମଲ୍‌କୁ ନିଅ, ଶପିଂ କରାଅ, ଆଇନକ୍ସରେ ସିନେମା ଦେଖାଅ। ଭଲ ରେସ୍ତୋରାଁରେ ଖୁଆଅ। ମୋର ଛୋଟ ଚାକିରି। କମ୍ ଦରମା। ଏବେ ମୁଁ କ'ଣ କରିବି? କ'ଣ କିଛି କର ପ୍ରଭୁ।

ଭଗବାନ୍ କହିଲେ: ଶୁଣ ବାବୁ– ସାବିତ୍ରୀ ସତ୍ୟବାନ ଗପ ମୁଁ ବି ପଢ଼ିଛି। ମୋତେ ଇମୋସନାଲ୍ ବ୍ଲାକ୍‌ମେଲ୍ କରିବାର ଚେଷ୍ଟା କରନା। ମାଗିଥିଲୁ ଗର୍ଲଫ୍ରେଣ୍ଡ୍, ଦେଲି। ଏବେ ତୁ କ'ଣ କରିବୁ ତୁ ବୁଝ। ଏହା ପରଠୁଁ କିଛି ଜିନିଷ ମାଗିବା ପୂର୍ବରୁ ଦଶ ଥର ଭାବି ତା'ପରେ ମାଗିବୁ।

---

ଗୋଟେ ଜାଗାରେ ପାଖାପାଖି ରହିଥିଲେ ଦୁଇଛତା। ଗୋଟେ ପୁରୁଣାକାଳିଆ କାଠ ବେଣ୍ଟ ଛତା। ଗୋଟେ ହେଲା ଆଧୁନିକ ଷ୍ଟିଲ୍ ବେଣ୍ଟ ବୋତାମ ଟିପାଛତା। ଛୋଟ ହୋଇଯିବ। ପୁଣି ବୋତାମ ଚିପିଲେ ବଡ଼ ହୋଇଯିବ। କାଠ ବେଣ୍ଟ ଛତାର ବଡ଼ ଛୋଟ ନାହିଁ। ଯାହା ଅଛି ଅଛି। ତା' କନାଟା ଟିକେ ପୁରୁଣା ହୋଇ ଆସିଲାଣି। ଲୁହା ତାରଗୁଡ଼ାକ ଟିକେ କଳଙ୍କି ଧରି ଆସିଲାଣି। ଷ୍ଟିଲ ବେଣ୍ଟ ଛତାର କନାଟା ଚିକ୍‌ଚିକ୍। ସେଥିରେ ଫୁଲର ଚିତ୍ର। କାଠ ବେଣ୍ଟ ଛତାର କଳା କନାଟା କଳା ପୁରୁଣା ହୋଇ ପାଉଁଶିଆ ଦିଶୁଛି।

ଷ୍ଟୀଲ୍ ବେଣ୍ଟ ଛତା କାଠ ବେଣ୍ଟ ଛତାକୁ କହିଲା– 'ଆରେ ବୁଢ଼ା ଏଯାଏଁ ତୁ ଅଛୁ? ଅଳିଆଗଦାକୁ ଫୋପଡ଼ା ହେଇନୁ?'

କାଠ ବେଣ୍ଟ ଛତା କହିଲା, ଷ୍ଟୋର୍–ରୁମ୍‌ରେ ପଡ଼ିଥିଲି। ଏଇ ବର୍ଷା ସିଜନ୍‌ରେ ହଠାତ୍ ଦିନେ ବର୍ଷା ହେବାରୁ ମାଲିକଙ୍କର ମନେପଡ଼ିଲି। ସେ ବାହାର କଲେ। ଦିନେ ବ୍ୟବହାର କରିଛନ୍ତି କି ନାହିଁ– ମାଲିକାଣୀ ଧୁମ୍‌ଗାଳି ଦେଲେ। କହିଲେ– ଏମିତି ଛତା ଧରି ଗଲେ ତାଙ୍କର ପ୍ରେଷ୍ଟିଜ୍ ରହିବନି। ତୁରନ୍ତ ବିଦାକର। ମୁଁ ତ ମାଲିକଙ୍କ ପୁଅ ବ୍ରତଘର ବେଳକୁ ଘରକୁ ଆସିଥିଲି ନା– ତେଣୁ ତାଙ୍କର ମୋ' ସହିତ ଟିକେ ଇମୋସନାଲ୍ ଆଟାଚ୍‌ମେଣ୍ଟ ଅଛି। ତେଣୁ ମୋତେ ଅଳିଆଗଦାକୁ ଫୋପାଡ଼ି ନ ଦେଇ ତାଙ୍କ ଘରେ ଯିଏ କାମ କରେ ନା– ତାକୁ ଦେଇଦେଲେ। ସେ ଗରିବ ତ! ପୁରୁଣା ଛତା ଧରିଲେ ତା'ର ପ୍ରେଷ୍ଟିଜ୍ ଯାଏନି। ସେ ମୋତେ ଧରିଆସିଛି।

ଦୁଇ ଛତା କଥା ହେଉଥିଲେ– ଏଇ ସମୟରେ ଗୋଟେ ତେନ୍ତୁଳିଆ ବିଛା କେଉଁଠି ଥିଲା ସରସର ହୋଇ ପଶିଆସିଲା। ଲୋକେ ଅସ୍ତବ୍ୟସ୍ତ ହେଲେ କ'ଣ କରିବେ, କ'ଣ କରିବେ! ଜଣେ କାଠ ବେଣ୍ଟ ଛତାକୁ ଧରି କାଠ ବେଣ୍ଟରେ ବିଛାକୁ ଦେଲା ଏକ ଶକ୍ତ ପାହାର। ବିଛା ଖତମ। ଆଉକାଠ ବେଣ୍ଟଟା ବି ଖତମ।

ଛୋଟ ସୌଖୀନ ଛତାରେ ବିଛାକୁ ବାଡ଼େଇ ମାରିହୁଏନି।

---

ସିନେମାରେ ବର୍ଷା କେତେ ଭଲ ଲାଗେ। ନାୟକନାୟିକା ବର୍ଷାରେ ଭିଜିଭିଜି ଗୀତ ଗାଆନ୍ତି। ନାଚନ୍ତି। ଆହୁରି କେତେ କଥା କରନ୍ତି।

ସେଦିନ ବର୍ଷାରେ ଭିଜିଭିଜି ଘରକୁ ଫେରିଲି। କଲିଂବେଲ୍ ଚିପିବାମାତ୍ରେ ପତ୍ନୀ ଧାଇଁ ଆସିଲେ। କହିଲେ, ସେଇଠି ରୁହ। ଘରକୁ ପଶନି। ଜୋତା ବାହାରେ ଖୋଲ। ନ ହେଲେ ଘରସାରା କାଦୁଅ ହେବ। ତମେ ପୋଛିବ ସେତେବେଳେ।

ମୋ' ରୋମାଣ୍ଟିସିଜମ୍ ମୂର୍ଚ୍ଛା ହୋଇଗଲା।

ଗଳ୍ପ

# ଲାଫିଙ୍ଗ୍ ବୁଦ୍ଧ

– ପ୍ରତାପ ବିଶ୍ୱାଳ

ପୋର୍ଟିକୋ ପାଖ ଫାଟକ ପାଖରେ ଯେଉଁ ବୁଢ଼ା ଜଣଙ୍କ ଚେୟାର ଉପରେ ହାତକଟା ଫତେଇ ପିନ୍ଧି ବସି ସାମ୍ନାକୁ ଚାହିଁଛନ୍ତି, ତାଙ୍କ ଦେହରେ କେବେ ବସନ୍ତ ବାଜିଥିଲା ଆଜି ମନେ ହେଉନି। ଅଥଚ ପାଖ ବାରଣ୍ଡା ତଳକୁ ଫୁଲ କୁଣ୍ଡିଆରେ କେତେଟା ଗୋଲାପ ଫୁଲ ଫୁଟି ଘରଟାକୁ ଆହୁରି ସୁନ୍ଦର କରୁଛନ୍ତି। ବୁଢ଼ା ବସିଛନ୍ତି ଯେ ବସିଛନ୍ତି। ଗୋଲାପୀ ସୂର୍ଯ୍ୟ, ସକାଳ ପବନ ତାଙ୍କୁ ଛୁଇଁ ଯାଉଛି। କିନ୍ତୁ ତାଙ୍କ ଭିତରେ କିଛି ସୌନ୍ଦର୍ଯ୍ୟବୋଧ ଥିଲା ପରି ଜଣାପଡୁନି। କେବଳ ବସିଛନ୍ତି ଯେ ବସିଛନ୍ତି।

ଭିତରେ ଖଟ୍‌ଖାଟ୍ ଶବ୍ଦ ଶୁଭୁଛି। କାମବାଲି ବୋଧେ କାମ କରୁଛି। ଟିଭି ଚାଲିଛି। ପୁଅ ବୋଧେ ବସି ଟିଭି ଦେଖୁଛି। ବୋହୂ ରୋଷେଇ ଘରେ ଥିବ। ସମୟ କେତେ ହେବ କେଜାଣି! ସକାଳ ତ! ଦୁଇ ଜଣଙ୍କର ଅଫିସ୍ ଯିବାକୁ ଆହୁରି ବହୁତ ଡେରିଅଛି।

ସେ ବସିଛନ୍ତି ଯେ ବସିଛନ୍ତି।

ସକାଳ କାମ ସାରି କାମବାଲି ଚାଲିଗଲେ ପୁଅବୋହୂ ଅଫିସ ଯିବା ଯାଏଁ ଏମିତି ବସି ରହିବା ତାଙ୍କ କାମ। ପୁଅ ବୋହୂ ଅଫିସ ଗଲାବେଳେ ଗେଟ୍‌ରେ ତାଲା ପକାଇ ବୁଢ଼ା ହାତକୁ ଚାବିଟା ଦେଇ ଯାଆନ୍ତି। ବୁଢ଼ା ଥୁରୁଥୁରୁ ହୋଇ ଯାଇ ଚାବିଟା ନେଇ ଆସେ। ଇଚ୍ଛା ହେଲେ ପୁଣି ସେଠି ବସନ୍ତି ନ ହେଲେ ଡ୍ରଇଂରୁମ୍‌ରେ ପଡ଼ିଥିବା ଖଟ ଉପରେ ଯାଇ ଗଡ଼ପଡ଼ ହୁଅନ୍ତି। ଗାଧୋଇବାରେ କିଛି ଠିକ୍‌ଠିକଣା ନ ଥାଏ। ସକାଳୁ ନିତ୍ୟକର୍ମ ସାରି ଚା' ବିସ୍କୁଟ କେତେ ଖଣ୍ଡ ଖାଇଥାଆନ୍ତି। ଭୋକ ହେଲେ ଗାଧୋଇପଡ଼ି ଆଗରୁ ବଢ଼ା ହୋଇ ଥୁଆ ହୋଇଥିବା ଖାଦ୍ୟକୁ ଖାଇ ଦେଇ ଆସି ଶୋଇ ଯାଆନ୍ତି, ପୁଣି ଉପରବେଳାକୁ ପୁଅ ବୋହୂ ଆସିବାଯାଏଁ। ପୁଅ ବୋହୂ ଆସିବା ପୂର୍ବରୁ ଚାବିଟା ଧରି ବାରଣ୍ଡାର ସେଇ ଚେୟାରରେ ଯାଇ ବସନ୍ତି। ଗାଡ଼ି ହର୍ଣ୍ଣ ଶୁଭିଲେ, ଚାବି ଖୋଲି ପୁଅ ବୋହୂ ଘରକୁ ଆସିଲେ ସେ ପୁଣି ଆସି ବସିଯାଆନ୍ତି ମୁହଁସଞ୍ଜ ହେବାଯାଏଁ। ସନ୍ଧ୍ୟା ହେଲେ ବେଡ୍‌କୁ ଯାଇ ଗଡ଼ପଡ଼ ହୁଅନ୍ତି। ରାତିର ଖାଦ୍ୟ ଖାଇ ପୁଣି ଶୋଇଯାଆନ୍ତି ସକାଳ ହେବାଯାଏ।

ଏତେ ସମୟ ଏକାକୀ ରୁହନ୍ତି। ବିରକ୍ତ ଲାଗେନା! ଏ ପ୍ରଶ୍ନ କେହି ତାଙ୍କୁ ପଚାରି ନାହାନ୍ତି। ବରଂ ଏଇଟା ତାଙ୍କର ଏକପ୍ରକାର ନିତ୍ୟନୈମିତ୍ତିକ କାମ ହୋଇଯାଇଛି ପୁଅ ବୋହୂଙ୍କ ପାଖକୁ ଆସିଲା ଦିନଠାରୁ।

ଜୀର୍ଣ୍ଣଶୀର୍ଣ୍ଣ ଲୋଳିତ ଚର୍ମ। ବୟସ କେତେ ହେବ କେଜାଣି! ଦାନ୍ତହୀନ ପାଟିରେ ହସ ସିନା ଜଣାପଡ଼େ ନାହିଁ, କିନ୍ତୁ ପ୍ରକୃତରେ ହସିବାର ଭାବଭଙ୍ଗୀ ବି ତାଙ୍କଠାରେ ଦେଖାଯାଏ ନାହିଁ। ସେଥିପାଇଁ ବୋଧେ ଆଜି ବୋହୂ ପୁଅକୁ କହିଲା– କ'ଣ ବୁଝିଲ ?



: କେଉଁ କଥା ?

: କେଉଁ କଥା କ'ଣ ପଚାରୁଛ ? ବାପାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିବା କଥା ପରା କହୁଥିଲି। ସବୁବେଳେ ସେ ଏଠି ଏକାଏକା ବସି ବୋର୍ ହୋଇ ଯାଉଛନ୍ତି। ସେଠିକି ଗଲେ କିଛି ସାଙ୍ଗସାଥୀ ତ ମିଳିଯିବେ। ଦେଖୁଛ ତାଙ୍କ ମୁହଁରେ କେବେ ହସ ଟିକିଏ ଅଛି ? ସବୁବେଳେ ମୁହଁଟାକୁ ଧାନଉସୁଆଁ ହାଣ୍ଡିଟା କରି ବସିଛନ୍ତି।

: ପୁଅ କହିଲା, ହେଉ ଦେଖିବା।

: ଦେଖିବା କ'ଣ ? ଘରୁ ବାହାରିଲାବେଳେ ତାଙ୍କର ସେ ମୁହଁଟା ଚାହିଁଗଲେ ସବୁ ଅଶୁଭ। ବାପା ଆସିବାର ତିନି ମାସ ହେଲାଣି, କୌଣସି ଗୋଟାଏ ଭଲ ଖବର ପାଇଲଣି ? ବରଂ ହେବା କାମ ସବୁ ହେଉନି। ଦେଖୁନ ତୁମ ପ୍ରମୋଶନ କଥା। ମୋତେ ଲାଗୁଛି ତାଙ୍କ ମୁହଁ ଚାହିଁ ଗଲେ କୌଣସି କାମ ହେବ ନାହିଁ। ମୋର ବି ଏଇ ତିନି ମାସ ହେଲା ଅଫିସ୍‌ରେ ଯାବତୀୟ ଗଣ୍ଡଗୋଳ।

ପୁଅର ସେମିତିକା କଥା। ହେଉ ଦେଖିବା।

ଏଥର ଟିକେ ନରମ ସ୍ୱର ଶୁଭିଲା। ଆମ ଅଫିସରେ ମୋର ଜଣେ ସହକର୍ମୀ କହୁଥିଲେ, ତାଙ୍କ ଘରେ ସେ ଗୋଟାଏ ଲାଫିଙ୍ଗ୍ ବୁଦ୍ଧ ଆଣି ରଖିବାରୁ ଘରର ସବୁ ଅମଙ୍ଗଳ ଦୂର ହୋଇଯାଇଛି। ତାଙ୍କ ସ୍ୱାମୀଙ୍କ ପ୍ରମୋଶନ, ପୁଅର ରେଜଲ୍ଟ। ଏବେ କାଳେ ବେଶ୍ ହସଖୁସିରେ ବିତୁଛି ତାଙ୍କ ସମୟ।

ପୁଅ ପଚାରିଲା: ତୁମେ କ'ଣ କହୁଛ ?

ମୋର କାହିଁ ମନେହେଉଛି ଏ ଘରେ ଆମର କିଛି ବାସ୍ତୁଦୋଷ ଅଛି। ଦେଖୁନ, ଏ ନୂଆ ଘରକୁ ଆସିଲା ଦିନଠାରୁ ସବୁ ଅମଙ୍ଗଳ ହେଉଛି। ପଇସା ଅଣ୍ଟୁନି। ଦେହ ଖରାପ ହେଉଛି। ତୁମର ପ୍ରମୋଶନ ହେବା କଥା ହେଉନି। ଭାବୁଛି ଗୋଟାଏ ବାସ୍ତୁ ବିଶାରଦଙ୍କୁ ଡାକିଲେ ଭଲ ହୁଅନ୍ତା।

ପୁଅ ହଁ କହିଲା। ଏବଂ ତା' ପରଦିନଠାରୁ ଗୋଟାଏ ବାସ୍ତୁ ବିଶାରଦ ସନ୍ଧାନରେ ରହିଲା।

ଚାରିଦିନ ପରେ ଗୋଟାଏ ବାସ୍ତୁ ବିଶାରଦଙ୍କୁ ଆଣି ଘର ଦେଖାଇଲା। ବିଶାରଦ ଜଣଙ୍କ ସବୁ ଦେଖି, ସବୁ ଶୁଣି କହିଲେ– ''ତୁମ ଡ୍ରଇଂରୁମ୍‌ରେ ଗୋଟାଏ ଲାଫିଙ୍ଗ୍ ବୁଦ୍ଧ ଆଣି ରଖ। ଘରୁ ବାହାରିଲାବେଳେ ସେ ବୁଦ୍ଧ ମୂର୍ତ୍ତିକୁ ଚାହିଁ କରି ଯିବ। ତା'ପରେ ଅନ୍ୟ ସବୁ ଛୋଟଛୋଟ ପ୍ରତିକାର କରିବାକୁ କହି ଗଲାବେଳେ ବୁଢ଼ାଙ୍କୁ ସେମିତି ବାରଣ୍ଡାରେ ବସିଥିବାର ଦେଖି ପଚାରିଲେ– ଇଏ କିଏ ? ବାପା ? ବୋହୂ ପୁଅ ତାଙ୍କ ପଛେପଛେ ଆସୁଆସୁ କହିଲେ– ହଁ।

: ଭଲ ହେଲା ମଉସାଙ୍କୁ ଆଣି ପାଖରେ ରଖିଛ। ତାଙ୍କ ସେବା ଯତ୍ନ କର।

ସେଦିନ ଅଫିସ୍‌ରୁ ଆସିଲାବେଳେ ବୋହୂ ହାତରେ ମିଠା ପ୍ୟାକେଟ୍‌ଟା ଦେଇ ବୁଢ଼ା କିଛି କହି ନ ଥିଲେ, ବରଂ ଖୁସିଥିଲେ। ସନ୍ଧ୍ୟାବେଳକୁ ବୋହୂ ଆଣି ମିଠା କେତେଟା ଦେଇ କହିଲା: ବାପା ଆଜି ତୁମ ପୁଅଙ୍କର ପ୍ରମୋଶନ ହୋଇଗଲା। ମୋର ବି ପ୍ରମୋଶନ ପାଇଁ ଫାଇଲ ଯାଇଛି। ବହୁତ ଶୀଘ୍ର ବୋଧେ ହୋଇଯିବ।
ବୁଢ଼ା ହସି ହସି କହିଲେ: ମୋର ବି ଶୀଘ୍ର ଜେଜେଙ୍କୁ ପ୍ରମୋଶନ ହୋଇଯିବ ଯେ, ମୁଁ ସେଇ ଦିନଟାକୁ ଅପେକ୍ଷା କରିଛି।

ତାଙ୍କ ମୁହଁରେ ସବୁବେଳେ ହସ ଦେଖିବାକୁ ଚେଷ୍ଟା କର।

ବୋହୂ ନରମ ଗଳାରେ କହିଲା: ସତ ଯେ! ବାପା କିନ୍ତୁ ଆମର ଅଲଗା ଲୋକ। ଏଇ ବାରଣ୍ଡାର ଚେୟାର ନ ହେଲେ ଡ୍ରଇଂରୁମ୍‌ର ସେ ଖଟ। କେବେ ତାଙ୍କ ମୁହଁରେ ହସ ଟିକିଏ ଆମେ ଦେଖିନୁ। ମୁଁ ଭାବୁଛି, ତାଙ୍କ ମୁହଁକୁ ଚାହିଁ ଗଲେ ସବୁ ଅମଙ୍ଗଳ ହେଉଛି।

ବିଶାରଦ ଜଣଙ୍କ ପଛକୁ ଚାହିଁ କହିଲେ ହେଉ, ତୁମେ ଆଗ ଲାଫିଙ୍ଗ୍ ବୁଦ୍ଧଟିଏ ଆଣି ରଖ।

ବିଶାରଦ ଜଣଙ୍କ ଗଲାପରେ ସ୍ତ୍ରୀଙ୍କ ତାଗିଦ୍ ଥିଲା– ଦେଖ ଯେମିତି ହେଉ ଏଇ ଦୁଇ ଚାରିଦିନ ଭିତରେ ବଜାରରୁ ଗୋଟାଏ ଲାଫିଙ୍ଗ୍ ବୁଦ୍ଧ ଆଣ।

ପୁଅ ଦୁଇଦିନଯାକ ଖୋଜିଖୋଜି ଦୋକାନରେ ପହଞ୍ଚି ଦେଖିଲା ଛ' ଇଞ୍ଚଠାରୁ ଆରମ୍ଭ କରି ଦୁଇ ଫୁଟଯାଏଁ ଗୋଟାଏ ଦୋକାନରେ ବୁଦ୍ଧମାନେ ଶୋ'କେସ୍‌ରେ ଥୁଆ ହୋଇଛନ୍ତି। ସୁନା ରଙ୍ଗରେ ରଙ୍ଗାୟିତ ଗଣେଶ ପେଟ ପରି ଟିକେ ଆଗକୁ ବାହାରି ପଡ଼ିଥିବା ବୁଦ୍ଧମୂର୍ତ୍ତିମାନଙ୍କ ମୁହଁରେ ହସଧାରଟିଏ ନଈ ପାଣିର ସରୁଧାରଟିଏ ପରି ଲାଖି ରହିଛି। କାହାକୁ ନେବ, କାହାକୁ ନେବ ଚିନ୍ତା କରୁକରୁ ସେ ସବୁକୁ ନିରୀକ୍ଷଣ କରିବାକୁ ଲାଗିଲା। ହଠାତ୍ ବାପାଙ୍କ ମୁହଁଟା ତା' ଆଖି ଆଗକୁ ଚାଲି ଆସିଲା। ଲାଗିଲା ଠିକ୍ ବାପାଙ୍କ ମୁହଁପରି ଏ ମୁହଁଗୁଡ଼ାକ। ଖାଲି ହସ ଟିକିକ ଯାହା ବାପାଙ୍କ ମୁହଁରେ ନାହିଁ। ନ ହେଲେ ଅବିକଳ ବାପାଙ୍କ ପରି ମୁହଁ।

ସେ ମୂଲ୍ୟ ପଚାରିଲା। ପାଞ୍ଚଶହରୁ ପାଞ୍ଚହଜାର ଯାଏ। ପରକ୍ଷଣରେ ଭାବିଲା ବାପାଙ୍କ ମୁହଁରେ ଯଦି ଏମିତି ହସ କେରିଏ ଥାଆନ୍ତା...!

ବାପା ହସୁନାହାନ୍ତି କାହିଁକି ? ପଚାରିବ କି ବାପାଙ୍କୁ ତାଙ୍କ ନ ହସିବାର କାରଣଟା କ'ଣ ?

ସେଦିନ ସେ ମୂର୍ତ୍ତି ନ କିଣି ପଳାଇ ଆସିଲା ଘରକୁ। ଅଫିସ ଛୁଟିଥିଲା। ଘରେ ଆସି ଦେଖିଲା ବାପା ଡ୍ରଇଂରୁମ୍‌ର ଖଟ ଉପରେ ବସିଛନ୍ତି। ଝରକା ବାଟେ ବାହାରକୁ ଚାହିଁଛନ୍ତି, ସେ ଟିକିଏ ଅଟକି ଗଲା, ପଚାରିବ କି ଆଉ ?

କିନ୍ତୁ ପରକ୍ଷଣରେ କିଛି ନ ପଚାରି ଭିତରକୁ ପଶୁପଶୁ ସ୍ତ୍ରୀ କହିଲେ: ମୋ' ଦେହଟା କାହିଁକି ଦୁଇ ଚାରିଦିନ ହେଲା ମୋଟେ ଭଲ ଲାଗୁନି। ମାସ ବି ଗଡ଼ିଗଲାଣି। ଆଜି ତ ଛୁଟି, ଚାଲୁନ ଟିକିଏ ଡାକ୍ତରଙ୍କୁ ପଚାରିବା।

କଥା ସରିଛି କି ନାହିଁ ବାପା ହଠାତ୍ ଡାକିଲେ: ଶୁଣ୍! ମୁହଁରେ ତାଙ୍କର ଦ୍ୱିତୀୟା ଜହ୍ନପରି ହସ ଟିକିଏ ଝଲସୁଥିଲା। କହିଲେ ବୋହୂକୁ ଆଗ ଡାକ୍ତରଖାନା ନେଇଯା, ମୋ' ପ୍ରାର୍ଥନା ବୋଧେ ଭଗବାନ ଶୁଣିଛନ୍ତି। ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା: କି ପ୍ରାର୍ଥନା ?

: ତୁ ସେସବୁ କଥା କିଛି ବୁଝିପାରିବୁ ନାହିଁ, ତୋ ମା'ଥିଲେ ସିନା ଜାଣିଥାନ୍ତୁ।

ବାପା ଆଜି ବଡ଼ ଖୁସି ଜଣାପଡୁଥିଲେ। ଡାକ୍ତରଖାନାରୁ ଆସିଲାମାତ୍ରେ ପଚାରିଲେ: କ'ଣ କହିଲେ ଡାକ୍ତର ? କିଛି ଅସୁବିଧା ନାହିଁ ତ ?

: ନାଇଁ ବାପା, ସେ ମା' ହେବାକୁ ଯାଉଛି।

ବୁଢ଼ାର ମୁହଁ ପୂର୍ଣ୍ଣିମାଚାନ୍ଦ ପରି ଜାଜ୍ୱଲ୍ୟମାନ ହୋଇଉଠିଲା। ଯେମିତି ରୁଦ୍ଧ ପୁଷ୍କରିଣୀଟିର ବନ୍ଧ ଭାଙ୍ଗିଯାଇଛି। ସେ ହାତଯୋଡ଼ି ନମସ୍କାର କରୁକରୁ କହିଲେ: ଏତେଦିନେ ମୋ' ଡାକ ତୋ' କାନକୁ ବାଜିଲା କାଳିଆ।

ତା'ପରଦିନ ପୁଅ ବୋହୂ ଅଫିସକୁ ଗଲାବେଳେ ବୁଢ଼ା ତାଙ୍କ ଚିରାଚରିତ ଢଙ୍ଗରେ ବାରଣ୍ଡା ଚେୟାରରେ ବସିଥିଲେ, ପୁଅକୁ କହିଲେ: ଗଲାବେଳେ ଗାଡ଼ି ଧୀରେ ଚଳାଇ ଯିବୁ। ନ ହେଲେ ଗୋଟାଏ ଅଟୋ କରିଦେ ବୋହୂ ତା'ର ଅଟୋରେ ଅଫିସ ଯାଉ।

ପୁଅ ବାପାକୁ ଚାହିଁଲା, ବାପା ସକ୍ରିୟ ଜଣାପଡୁଥିଲେ। ଶୁଷ୍କ ନଦୀଟିଏ ଯେପରି ପ୍ରଗଲ୍‌ଭା ହୋଇଯାଇଛି।

ସେଦିନ ଅଫିସ୍‌ରୁ ଆସିଲାବେଳେ ବୋହୂ ହାତରେ ମିଠା ପ୍ୟାକେଟ୍‌ଟା ଦେଇ ବୁଢ଼ା କିଛି କହି ନ ଥିଲେ, ବରଂ ଖୁସିଥିଲେ। ସନ୍ଧ୍ୟାବେଳକୁ ବୋହୂ ଆଣି ମିଠା କେତେଟା ଦେଇ କହିଲା: ବାପା ଆଜି ତୁମ ପୁଅଙ୍କର ପ୍ରମୋଶନ ହୋଇଗଲା। ମୋର ବି ପ୍ରମୋଶନ ପାଇଁ ଫାଇଲ ଯାଇଛି। ବହୁତ ଶୀଘ୍ର ବୋଧେ ହୋଇଯିବ।

ବୁଢ଼ା ହସି ହସି କହିଲେ: ମୋର ବି ଶୀଘ୍ର ଜେଜେଙ୍କୁ ପ୍ରମୋଶନ ହୋଇଯିବ ଯେ, ମୁଁ ସେଇ ଦିନଟାକୁ ଅପେକ୍ଷା କରିଛି।

ବୋହୂ ଲାଜରେ ଘର ଭିତରକୁ ପଶି ଆସିଲାବେଳେ ପୁଅ କହିଲା: ମୁଁ ଅସଲ କଥାଟା କହିନି। ସେ ଲାଫିଙ୍ଗ୍ ବୁଦ୍ଧମୂର୍ତ୍ତି ଆଣିବାକୁ ଯାଇଥିଲି। ପାଞ୍ଚଶହରୁ ପାଞ୍ଚହଜାର ଯାଏ ତା'ର ମୂଲ୍ୟ, ମୋତେ ଲାଗିଲା ସବୁ ମୂର୍ତ୍ତିଙ୍କ ମୁହଁ ଠିକ୍ ବାପାଙ୍କ ମୁହଁ ପରି। ଖାଲି ବାପାଙ୍କ ମୁହଁରେ ହସ ଟିକକ ଯାହା ନାହିଁ।

ବୋହୂ ହସିହସି କହିଲା: ଆଉ ଲାଫିଙ୍ଗ୍ ବୁଦ୍ଧ କ'ଣ ହେବ ? ଲାଫିଙ୍ଗ୍ ବୁଦ୍ଧ ପରା ଆମ ଡ୍ରଇଂରୁମ୍‌ରେ ସ୍ୱଶରୀରରେ ବିଦ୍ୟମାନ। ଏଥର ତାଙ୍କରି ମୁହଁକୁ ଚାହିଁଗଲେ ସବୁ ଶୁଭ ହେବ।

– ରାହାଡିଂଗା, ନାଲିବର, ଜଗତ୍‌ସିଂହପୁର

# କ ବି ତା

## ସୀମା

**ଜ୍ୟୋତ୍ସ୍ନାରାଣୀ ପଣ୍ଡା**

ଜହ୍ନକୁ ମାଗିଲି
ଆଞ୍ଜୁଳେ ଜ୍ୟୋତ୍ସ୍ନା
ଲୁଚିଗଲା ସିଏ
ବଉଦ ଫାଙ୍କରେ।

ଶିଶିରକୁ କହିଲି
ମୁଠାଏ କାକର
ବିଞ୍ଚିଦିଅ ମୋ'
ଉତ୍ତପ୍ତ ହୃଦୟ ମରୁରେ
ହଜିଗଲା ସିଏ
ବସୁଧା କୋଳରେ।

ବସନ୍ତକୁ ମାଗିଲି
ମୁଠାଏ ଚୈତାଳି
ସ୍ମିତହସି ଋତୁରାଜ କହିଲା
ସବୁ କଥାରେ ସମୟର ସୀମା ଥାଏ।

ହାତ ଠାରି ମରଣକୁ
ପାଖକୁ ଡାକିଲି
ସେ କହିଲା, ମୁଁ ଧୋକା ଦେବିନି
ନିଶ୍ଚୟ ଆସିବି
ଏବେ ସମୟ ଆସିନି।

**- ରାମହରିନଗର-୨, ବ୍ରହ୍ମପୁର-୧**

## କବି

**ନରେଶ୍ ମଣ୍ଡଳ**

ଶବ୍ଦର ପୁଣ୍ୟତୋୟା !
କୂଳରେ ଏକ
ମୂକ ମୂର୍ଚ୍ଛନାର
ସୃଜନୀ ଆଭାସ
ତମେ ତ କାବ୍ୟର କବିଟିଏ
ଶବ୍ଦର ସୌଦାଗର...

ଧରିନିଅ
କଅଁଳୁଥିବା କେରାଏ
ଛନ୍ଦହୀନ୍ ଘାସ
ଚାହିଁ ଦେଖ ପୁଣ୍ୟତୋୟାକୁ
କେତେ ଆତ୍ମିକ ଚେତନାରେ
କୋଳେଇ ନିଏ ତମକୁ।

ତମେ ଗୋଟାପଣେ
ଗୋଟାଏ ମହାର୍ଘ ମୁହୂର୍ତ୍ତରୁ
ଉତୁରି ଆସୁଥିବା ମହାମନ୍ତ୍ର
ନା ଗଭୀର ମନନର
ମୁଗ୍ଧ ନୀଡ଼ଟିଏ ତମେ।

**-ପ୍ରାଚୀ ନଗର, ମାଧବ ନଗର, ଭଦ୍ରକ**

## ରଘୁ ଦାସ

**ଭରତ ବେହେରା**

ଆକାଶ ଥିଲା ମେଘାଚ୍ଛନ୍ନ
ଗୁମ୍‌ସୁମ୍ ଥିଲା ପାଗ
ଅନ୍ଧାରରେ ଭରିଥିଲା ସାରା ଘର।
ରୋଗଣା ପୁଅ, ଅସହାୟ ଘରଣୀକୁ ଛାଡ଼ି
ରଘୁ ଦାସ ଚାଲିଗଲା
ବୟସ ପଚାଶ, ପତଳା ଦେହ
କୁଞ୍ଚୁକୁଞ୍ଚିଆ ବାଳ।

କ'ଣ ତା'ର ପରିଚୟ
କ'ଣ ଥିଲା ତା' ପ୍ରବୃତ୍ତି
ବିସ୍ମରି ଥିଲା ବୈଷ୍ଣବୀୟ ଶୁଦ୍ଧ ବର୍ଣ୍ଣମାଳା
ଆପଣେଇ ଥିଲା ବଢ଼େଇ, ବିନ୍ଧାଣି ଓ
ବିଶ୍ୱକର୍ମା ପେସା।
ବଡ଼ ଅଜବ ଥିଲା ତା'ର ଖିଆଲ
ଚିତ୍ରାଙ୍କନ କ୍ଲାସ୍‌ରେ ଆଙ୍କୁଥିଲା
ଖଟ, ଚେୟାର, ଟେବୁଲ, ଆଲମାରିର ଚିତ୍ର
ପ୍ରାଇମେରୀରୁ ବାନ୍ଧିଥିଲା ବସ୍ତାନିରେ ଡୋରି
ନେମାଳ ଛାଡ଼ି ରହୁଥିଲା ଜଗତପୁରରେ।

ତା' ମୁଣ୍ଡଥିଲା ଯେମିତି ଗୋଟେ
ଶକ୍ତିଶାଳୀ କାଲ୍‌କୁଲେଟର
କବାଟ ଝର୍କାର ସଂଖ୍ୟାରୁ
ମୁହେଁ ମୁହେଁ ଆକଳନ କରିପାରେ
ଆବଶ୍ୟକ ସିଏଫ୍‌ଟି କାଠ ପରିମାଣ।
ଆହୁରି ବି ରୁଚି ଥିଲା ମିସ୍ତ୍ରିପ୍ରବଣ
ବହୁବହୁ କାରିଗରି କଳା।
ରଘୁ ଦାସ ଚାଲିଗଲା
ସେ ପୀଡ଼ାର ଉପଶମ କାହିଁ ?

ହେ କୁଶଳୀ କାରିଗର
ତମ ସହ ଆଉ କେବେ ଦେଖାହେବ ନାହିଁ
ସେ କେବେ ସ୍ଥିର ତ ଆଉ କେବେ ଖର
ତା'ର ସବୁ ସ୍ମୃତି ଲେଖାହୋଇ ରହିଥିବ
ହୃଦୟ ତଟରେ
ଚାଲୁଥିବାଯାଏ ଶେଷତମ ନିଃଶ୍ୱାସ ପ୍ରଶ୍ୱାସ।

**- ଏମ୍‌ଆଇଜି-୨୨, ଜିଏସ୍ ନଗର**
**ଜଗତପୁର, କଟକ।**

## ସମୟ

**ମଯୂରୀ ଦାଶ**

ରେ ସମୟ
ତୋ' ଚକରେ ବାନ୍ଧି ସଂସାର ଗାଡ଼ି
ଆଗକୁ ବଢ଼ି ଚାଲିଛୁ
ହେଲେ, ତୁ କେବେ ପଛକୁ ଫେରି ଦେଖିଛୁ ?
ତୁ ଚାଲିଗଲା ପରେ
ନଇଁ ଯାଇଥିବା ଅଣ୍ଟାର ଦୁଃଖ
ଆଉ ଅସୁମାରି ସ୍ୱପ୍ନର ଛପା ବହି
କେବେ ଓଲଟାଇ ଦେଖିଛୁ ?

ତୁ ଅତିକ୍ରମ କଲା ପରେ
ମୁଁ ଆଦରିଥିବା ଏକ୍ଲାପଣର
ହାହାକାର କେବେ ଶୁଣିଛୁ ?
ଦେଖିଛୁ କେବେ
ଆକାଂକ୍ଷା ସବୁ ମୁହଁ ମାଡ଼ି ପଡ଼ିଥିବା ?
ଅବା ଆଶା ପ୍ରାସାଦର ବିପର୍ଯ୍ୟୟ...

ଦେଖିବୁ ଯଦି ଫେରି ଆ...
ଫେରେଇ ଦେ ସେ ମୁହୂର୍ତ୍ତ
ଫେରେଇ ଦେ ଆଖିର ସ୍ୱପ୍ନ
ଫେରେଇ ଦେ ସେ ଯୌବନ
ଆ, ଫେରିଆ ସମୟ !!

**- ହିଲ୍‌ଟାଉନ, ଲେନ୍ ନଂ-୬(ପଶ୍ଚିମ)**
**ଭବାନୀପାଟଣା, କଳାହାଣ୍ଡି**

## ଗୀତି-କବିତା

## ଜୀବନର ଅଙ୍କ

**ବିପ୍ଳବ**

ସେଇଠି ଜୀବନ ଲୁହ ଜଡ଼ସଡ଼
ଯୋଉଠି ଭୁଲିଚି ନୀତି
ସବୁଜ ଗ୍ରହରେ ଜ୍ୟୋତ୍ସ୍ନାର ପାର୍ବଣ
ତା'ର କିନ୍ତୁ ଅମାରାତି।।

ଫୁଲ ଓ ଫଗୁଣ ତା' ପାଇଁ ସପନ
ବଇଶାଖ ତା'ର ମିତ
ଧର୍ମ ସାଜିଥାଏ ଭଗାରି ତା' ପାଇଁ
ଭାଗ୍ୟ ଛାଡ଼ିଦିଏ ହାତ।।

ଆଉ କା' ହୃଦୟ ଜାଳିବା କାହିଁକି
ଜଳିବା ତ ଆମେ ଦିନେ
ହସି ହସାଇଲେ ଶାନ୍ତିରେ ଜିଇବା
ଇଏ ତ ଜୀବନ ମାନେ।।

ଜୀବନର ଏଇ ସରଳ କଥାକୁ
ବୁଝେ ନାହିଁ ଯୋଉ ମନ
ଜୀବନ ତା' ପାଇଁ ଅବୁଝା ଅଙ୍କଟେ
ଲୁହ ଢାଳେ ନିତିଦିନ।।

**- ମକୁନ୍ଦପୁର, ବାଙ୍କୀ**

## କୁଆଁରୀ ଚିଠି

**ସାଗରିକା ପଟ୍ଟନାୟକ**

ତୋ' ମୋ' ସମ୍ପର୍କ ଆରମ୍ଭ
ଚିଠିରୁ, ତୁ ଦେଉଥିଲୁ
ଆଉ ମୁଁ ଚଟ୍‌କରି ପଢ଼ି ଚିରୁଥିଲି
ସାଇକେଲ ଝୁଡ଼ିରୁ
ନଟେଡ୍ ବହି, ନୋଟ୍‌ଖାତା ମଝିରୁ
ଅନେକ ଥର ମିଳିଛି
ତୋ' ଭଲପାଇବା ବୋଳା ଲାଲ୍ ରଙ୍ଗରେ
ଲେଖା ହୋଇଥିବା ଚିଠି
ପଢ଼ିଛି, ବୁଝିଛି
ହେଲେ ଉତ୍ତର ଦେଇନି...
ଭାବିପାରୁ ଶବ୍ଦର ଅଭାବ
ଅବା ଭବିଷ୍ୟତର କଳ୍ପନା...।

କୁଆଁରୀ ବୟସରେ
ଗୋଡ଼ ଖସି ନ ଯିବା ଭଳି ତାଗିଦ୍
ବାଟ ଓଗାଳେ
ମୁଁ ବି ସମାଜର ସେଇ ଶିକୁଳିରେ
କଏଦ ପକ୍ଷୀ ସାଜେ...
ଅନ୍ୟ ପକ୍ଷେ ତୁ...
ସବୁର ଜବାବ ମାଗୁଥିଲୁ
ହେଲେ ମୁଁ ଖସି ଆସୁଥିଲି
ମୁହଁ ବୁଲାଇ...

ଏବେ କିନ୍ତୁ ମୋ' ସ୍ମୃତିବାକ୍ସ ତଳେ
ଅନେକ ଲେଖା କାଗଜ ଫର୍ଦ୍ଦ
ଯେଉଁଥିରୁ ଅକ୍ଷରଗୁଡ଼ା ଲିଭିଲିଭି ଆସୁଛି...
ଅନେକ ଥର ଏକାନ୍ତରେ
ପାଲଟୁଛି ସେ ସାଥୀ
ନିତି ରାତିରେ ଗୁମୁରି କାନ୍ଦୁଛି
ସେଇ ସ୍ମୃତିଭରା
'କୁଆଁରୀ ଚିଠି'...

**- ବାଲିସିଂହା, କାକଟପୁର, ପୁରୀ**

## ତାରା

**ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ**

ଆଖି ମିଟିମିଟି କରି
ଇସାରାରେ
କେତେ ଡାକ ମୋତେ,
କଥାଦେଲି,
ବାହୁଡ଼ିଲେ
ମୁଁ ରହିବି ତୁମରି ସହିତେ।

**- ସତ୍ୟନଗର (ଦୁର୍ଗା ମଣ୍ଡପ ପାଖ),**
**ବାଲେଶ୍ୱର**

**ପହିଲି ପୁଲକ**

# ପ୍ରଥମ କବିତାର ସୁଖ ମୋତେ ପରିପୂର୍ଣ୍ଣ କରିଛି...



**ପୀତାମ୍ବର ତରାଇ**

**ପୀତାମ୍ବର ତରାଇଙ୍କ ଜନ୍ମ ୧୯୫୯ ଦୀପାବଳିରେ, ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଧୀବରପଲ୍ଲୀରେ। ସାହିତ୍ୟ, ସମାଜସେବା ଓ ସାମ୍ବାଦିକତାରେ ସମ ଭାବେ ବିସ୍ତୃତ କବି-ଜୀବନ। ବ୍ୟଥିତ ଓ ବଞ୍ଚିତର ସ୍ୱରକାର ଏଇ କବିଙ୍କର ପ୍ରମୁଖ କାବ୍ୟଗ୍ରନ୍ଥ: 'ଇତର', 'ଶୂଦ୍ରକର ଶ୍ଳୋକ', 'ଅଭାଜନ' ଓ 'ଜଣେ ଅଶଉଚ ଲୋକ'। 'ଅଭାଜନ' କବିତା ପୁସ୍ତକ ପାଇଁ ତାଙ୍କୁ ୨୦୧୧ରେ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'।**

ଯଥାକଥା କି ପାସ୍ କଲି (ବା କରେଇ ଦିଆଗଲା) ମାଇନର। ପାଠ ତ ହେଲା ନାହିଁ, ଚାଷବାସ କରି ପେଟପୋଷି ଭବିଷ୍ୟତରେ ଭଲ ମଣିଷଟେ ହୁଏ- ଏହା ଥିଲା ମୋତେ ନେଇ ବାପାଙ୍କ ଚିନ୍ତା। ଦିନକୁଦିନ ବେ ଲଗାମ୍ ହୋଇ ମୁଁ ଦୁର୍ନାମର ପାହାଡ଼ ଉପରେ ଛିଡ଼ା ହୋଇଥିଲେ ମଧ୍ୟ ମୋତେ କିନ୍ତୁ ଆକର୍ଷିତ କରୁଥାଏ ମହିମା ଆଶ୍ରମ। ସଞ୍ଜ ହେଲେ ମୁଁ ଚାଲିଯାଏ ଅଲେଖ ମହିମା ଆଶ୍ରମ ଆଡ଼େ।

ସନ୍ଧ୍ୟାରେ ସାଧୁମାନଙ୍କ ଭଜନ ପରିବେଷଣ ଖୁବ୍ ଚିତ୍ତାକର୍ଷକ। ସେଥିରେ ସାମିଲ ହୋଇ ଖଞ୍ଜଣି-ଗିନିର ତାଳେତାଳେ ତାଳି ମାରି ଉତ୍କଣ୍ଠାର ସହ ପ୍ରତି ସନ୍ଧ୍ୟାରେ ଗାଇ ଚାଲିଲି ଭୀମ ଭୋଇଙ୍କ ଭଜନ- 'ରୂପରେଖ ନାହିଁ ହେ ଶୂନ୍ୟଦେହୀ/ଅଛ ଉଦେ ହୋଇ।' ଏହା ମୋତେ ଏତେ ମାତ୍ରାରେ ପ୍ରଭାବିତ କଲାଯେ, ପ୍ରତି ସନ୍ଧ୍ୟାରେ ସେହି ମହିମା ଆଶ୍ରମରେ ଭୀମ ଭୋଇଙ୍କ ଭଜନରେ ଅଂଶଗ୍ରହଣ କରି ଭୀମ ଭୋଇଙ୍କ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇପଡ଼ିଲି। 'ସ୍ତୁତିଚିନ୍ତାମଣି' ମୋର ନାରଖାର ଜୀବନରେ ଭରପୂର ହୋଇ ମୋତେ ଦିବ୍ୟଦିଗନ୍ତର ସନ୍ଧାନ ଦେଲା ପରି ଅନୁଭବ କଲି। ଦିନେ ମୋ' ଭିତରେ ଇଚ୍ଛାର ଅଶ୍ୱ ଏକ ଦଉଡ଼ିବାରୁ ମୁଁ ସେଥିରେ ଶଇସ ହୋଇ ପଡ଼ିଲି। ବାପାଙ୍କ ପୁରୁଣା ହିସାବ ଅଲେଖା କାଗଜ ଚିରି ଚୋରାଇ ସେଥିରେ ଯାହାଯାହା ଲେଖିଚାଲିଲି, ଯେତେବେଳେ ମନେହୁଏ ଆବୃତ୍ତି କରେ। ଆବୃତ୍ତି ଶୁଣି ମୋର ବଡ଼ବାପା କହିଲେ ମୋତେ ଶନିଦଶା ପଡ଼ିଛି। ଏଥିରେ ବ୍ୟଥିତ ହୋଇ ପଣ୍ଡିତ ଡକାଇ ଗ୍ରହଦୋଷ ବିନଷ୍ଟି ପାଇଁ ବୋଉ ମୋର ଶନିପୂଜା କରିଛି ହପ୍ତାଏ କାଳ। ତା'ସତ୍ତ୍ୱେ ମୋର କବିତାଲେଖା ସେବେଠାରୁ ଆଜି ପର୍ଯ୍ୟନ୍ତ ବନ୍ଦ ହୋଇନାହିଁ। ମୁଁ ଯେ ମଣିଷ ହୋଇପାରିଲି ନାହିଁ, ଏମିତି ଅବସୋସ ନେଇ ବାପାବୋଉ ଆଗପଛ ହୋଇ କେବେଠୁ ଚାଲିଗଲେଣି।

୧୯୮୨ ମସିହାରେ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ସମ୍ପାଦନାରେ ପ୍ରକାଶ ପାଉଥାଏ 'ବନଝରଣା'। ଏହା ପୁଣି ନିପଟ ମଫସଲ ଆମ ଗାଁର ସାହିତ୍ୟ ପତ୍ରିକା। ସମ୍ପାଦକ ମହାଶୟଙ୍କ ମୋ' ପ୍ରତି ଭଲ ଧାରଣା ନ ଥିବାରୁ ତାଙ୍କ ଅଗୋଚରରେ ସହସମ୍ପାଦକ ମୋର ପ୍ରଥମ ମିନିକବିତା 'ଜୀବନତରୀ'କୁ ପ୍ରକାଶ କରିଦେବାରୁ ଉଭୟଙ୍କ ମଧ୍ୟରେ କଳିଗୋଳ ଲାଗି ଶେଷରେ ପତ୍ରିକା ପୋଡ଼ିବା ପର୍ଯ୍ୟନ୍ତ କଥା ଯାଇଛି। ପାଠଶାଠ ବିହୀନ, ଗାଁରେ ପରିଚୟ ଯାହାର ଝାବଡ଼, ସେ କେମିତି କବିତା ଲେଖିବ! ଯଦିଓ ବହୁ ପରେ ସହସମ୍ପାଦକ ଏହା ମୋତେ ସୂଚନା ଦେଇଥିଲେ, ତାହା ମୋତେ ଅତ୍ୟଧିକ କଷ୍ଟ ଲାଗିଥିଲେ ବି 'ଜୀବନତରୀ' ପ୍ରକାଶ ପାଇବା ଦିନ ଯେଉଁ ଆନନ୍ଦର ଉପଲବ୍ଧି, ତାହା ଆଗରେ ସମ୍ପାଦକ ମହାଶୟଙ୍କ ପରୋକ୍ଷ-ଝିଙ୍ଗାସ ମୂଲ୍ୟହୀନ ବୋଲି ଅନୁଭବ କଲି। ପ୍ରଥମ କବିତା ପ୍ରକାଶ ପାଇବାର ସ୍ୱର୍ଗସୁଖ ଯେଉଁଭଳି ଭାବରେ ଉପଭୋଗ କରିଛି, ତାହା ସବୁଦିନ ପାଇଁ ଅବର୍ଣ୍ଣନୀୟ। ସେହି କବିତା ଛପା ହେବା ଦିନ ବୋଉ ମଥାରେ ପତ୍ରିକା ଛୁଆଁଇ କହିଥିଲି ମୁଁ ସିନା ଶିକ୍ଷା ଆୟତ୍ତ କରିପାରିଲି ନାହିଁ, କିନ୍ତୁ ବିଦ୍ୟା ଅର୍ଜନ କରିପାରିଛି। ଏତକ କହିବାବେଳେ ଭାବୁଥିଲି ଶୋକ ପାଇଁ ଯେତିକି ଲୁହ ଅଛି, ଆନନ୍ଦ ପାଇଁ ତା'ଠାରୁ ଢେର୍‌ଢେର୍ ଲୁହ ଅଛି, ଜାଣିଲି କବିତା ପ୍ରକାଶ ପାଇଥିବାରୁ।

ପ୍ରଥମ କବିତା ଛପା ହେବାର ପାଖାପାଖି ଚାଳିଶ ବର୍ଷ ହେଇଥିବ। ଏହା ଭିତରେ କେତେକେତେ କବିତା ବହି ଛପା ହୋଇଗଲାଣି ତ କେତେକେତେ ପୁରସ୍କାର ମିଳିଗଲାଣି। ହେଲେ ପ୍ରଥମ କବିତା 'ଜୀବନତରୀ' ଛପା ହେବାର ପୁଲକ ଛାତିଭର୍ତ୍ତି ମିଳିଥିଲେ ବି ଆଉ ସେମିତି ଅନୁଭବ କରିପାରି ନାହିଁ ଏତେବର୍ଷ ସାହିତ୍ୟରେ ଥାଇ ବି। ଆଜି ବାପାବୋଉ ଥିଲେ କହିଥାନ୍ତି: ମଣିଷ ଭାବରେ ଜନ୍ମ ହୋଇଥିବାରୁ ତାହା ଭାଗ୍ୟ, କବି ଭାବରେ ଜୀବନ ବିତେଇଥିବାରୁ ଏହା ମୋର ସୌଭାଗ୍ୟ।

## ପୁସ୍ତକ ପରିଚୟ

### ଖଂଗାର

**ଗାଳ୍ପିକ: ସୁଧୀର କୁମାର ଧଙ୍ଗଡ଼ାମାଝୀ**
**ପ୍ରକାଶକ: ଟାଇମ୍‌ପାସ୍, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୯୫/-**




ମୋଟ ୯ଟି ଗଳ୍ପ 'ଖଂଗାର'ରେ ଗ୍ରଥିତ, ଯାହାର ଶୀର୍ଷକ ରଖିଛନ୍ତି ଲେଖକ ଏହିପରି-'ସାତ ଶୀତରେ ସବୁ ଶେଷ', 'ବାଘ', 'ଶୋଷ', 'ବେତାଳ ବିକ୍ରମ', 'ମଜ୍‌ବୁରି', 'ଜହ୍ନ, ଚାନ୍ଦିନୀ ଓ ପୂନେଇଁ ରାତିର କଥା', 'ଗୋଡ଼ଭଙ୍ଗା: ଦୁଇଟି ଭାବନା', 'ସାପଖେଳ' ଓ 'ଖଂଗାର'। 'ପ୍ରଚ୍ଛଦଲେଖ'ରେ କବି ସରୋଜ ବଳ (ପ୍ରକାଶକ) ଲେଖିଛନ୍ତି: ''ସୁଧୀର କୁମାର ଧଙ୍ଗଡ଼ାମାଝୀ କବିତାରେ ଯେତିକି ସୂକ୍ଷ୍ମ, ଗଳ୍ପରେ ସେତିକି ସନ୍ତ୍ରମ। ସାହିତ୍ୟିକ ବାଦ ଓ ପ୍ରବାଦରୁ ମୁକୁଳି ସେ ନିଜର ମୌଳିକ ସୃଜନଭାଷା ଗଢ଼ିବାକୁ ଆଗ୍ରହୀ। ସ୍ୱାଭାବିକ ଭାବେ ସେ ତାଙ୍କର ଏହି ପ୍ରଥମ ଗଳ୍ପ ସଙ୍କଳନରେ ପ୍ରେମ, ସ୍ୱପ୍ନ ଓ ଜୀବନବୋଧର କଥା କହିଛନ୍ତି, ଯାହା ତାଙ୍କ ବୟସ ଓ ଅଭିଜ୍ଞତାର ସମର୍ଥନ କରେ।'' ସୁଧୀରଙ୍କ ଗଳ୍ପରେ ଏହି ବକ୍ତବ୍ୟରୁ ଅତିରିକ୍ତ ଯାହା ମହଜୁଦ, ତାହା ହେଲା ଗଳ୍ପରେ ପାଠକଙ୍କୁ ଅଡ଼େଇ ନେବାର ବିସ୍ମୟକର ଯାଦୁ।

### ହସ୍ତାକ୍ଷର

**ଲେଖକ : ରଜନୀକାନ୍ତ ମହାନ୍ତି**
**ପ୍ରକାଶକ : ଦି ବୁକ୍‌ସ**
**ପ୍ରଥମ ପ୍ରକାଶ : ୨୦୧୭, ମୂଲ୍ୟ : ଟ.୧୨୫/-**

'ହସ୍ତାକ୍ଷର'ରେ ମୋଟ ୧୮ଟି ଗଳ୍ପ ସ୍ଥାନିତ। ବଛାବଛା କେତେକ ଗପରୁ କାଳଜୟୀ କେତେକ ପଙ୍‌କ୍ତି ବହିର ଆରମ୍ଭରେ ପୂର୍ଣ୍ଣକଳସ ଓ ରମ୍ଭାବୃକ୍ଷ ତୋରଣ ପରି ବିଦ୍ୟମାନ। ପରେପରେ 'ବାଟବରଣ' ଶୀର୍ଷକ ଗଦ୍ୟଲେଖରେ କଥାକାର ମହାନ୍ତି କହନ୍ତି: ''ଗୋଟେ ଗଳ୍ପ ଗୋଟେ ସଂସ୍କୃତିର ସମ୍ପ୍ରସାରଣ। ଗପ ସଭ୍ୟତାକୁ ଜୀବନ୍ତ କରେ, ଚରିତ୍ରକୁ ଦିଏ ଆତ୍ମ-ଶକ୍ତି, ଭାଷାକୁ ଦିଏ ବିଚରଣ କ୍ଷମତା, ଶବ୍ଦକୁ ପ୍ରଦର୍ଶନ କରେ, ସମ୍ପର୍କକୁ ଦିଏ ବ୍ୟାପକତା ଓ ଗଣତନ୍ତ୍ର।'' ୧୮ଟିଯାକ ଗଳ୍ପରେ ରଜନୀକାନ୍ତଙ୍କର ଏଇ ଉଲ୍ଲେଖର ସତ୍ୟତାକୁ ବାରିପାରେ ଜଣେ ଗଳ୍ପମନସ୍କ, ସୃଜନମନା ପାଠକ। ନିଜ ସମୟ ଓ ସମାଜ ତାଙ୍କ ଗଳ୍ପରେ ଧରାଦିଅନ୍ତି ପୋଷା ଶାରୀ ପରି। ସମୟ ସମୟକୁ ବରାବର ଅତିକ୍ରମ କରୁଥାଏ ତାଙ୍କର ପ୍ରାୟ ଗଳ୍ପରେ। ସମାଜ ଅନ୍ୟ ଅନାଗତ ସମାଜରେ ପରିଚୟ ବଦଳାଇ ବି ଚିରନ୍ତନତା ହରାଏ ନାହିଁ। ରଜନୀକାନ୍ତଙ୍କ ଗଳ୍ପର ଭାଷା ସଂଚରଣକ୍ଷମ, ତେଣୁ ସବୁବେଳେ ତଟକା। ଯଥା: ''ଘଞ୍ଚ ଜଙ୍ଗଲ, ଛୋଟଛୋଟ ପାହାଡ଼ମାନ ସେଠି ମୁଣ୍ଡ ଉଠେଇ ହସୁଛନ୍ତି। ବର୍ଷା କାଟୁଛି। x x କେତେ ନା କେତେ ରଙ୍ଗିନ ଫୁଲ ବର୍ଷାରେ କୁଦା ମାରି ଖେଳୁଛନ୍ତି। ଶାଳଗଛରୁ ଥପ୍‌ଥପ୍ ପାଣି ପଡୁଛି ଫୁଲ କଢ଼ିଟେ ଉପରେ: ଥପ୍‌ଥପ୍। ଥରଥର କଢ଼।'' (ଥରଥର କଢ଼, ପୃ:୬୭)।




### ନରେନ୍ଦ୍ରନାଥ ମିଶ୍ର ପ୍ରବନ୍ଧ ଚୟନ(୧ମ ଭାଗ)

**ସଂଗ୍ରହ ଓ ସଂକଳନ: ଫକୀରମୋହନ ଆଚାର୍ଯ୍ୟ**
**ପ୍ରକାଶକ : ସୃଜନ, ଚକାଡୋଳାଧାମ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୨୫୦/-**




ଆଲୋଚ୍ୟ ଗ୍ରନ୍ଥରେ ମୋଟ ୩୮ଟି ନିବନ୍ଧ ସ୍ଥାନିତ, ଯେଉଁଗୁଡ଼ିକ ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କର ପୂର୍ବ ପ୍ରକାଶିତ ଓ ଅଧୁନାକୁ ଦୁଷ୍ପ୍ରାପ୍ୟ ତିନୋଟି ନିବନ୍ଧ ଗ୍ରନ୍ଥ ('ଶୈଳ ଓ ସୀମାନ୍ତ'- ୧୯୫୯, 'ଓଡ଼ିଆ ସାହିତ୍ୟ ଓ ଭାଷା: ଏକ ଅଧ୍ୟୟନ'- ୧୯୭୫ ଏବଂ 'ଆଧୁନିକତା ଓ ଆଧୁନିକ ସାହିତ୍ୟ'- ୧୯୭୬)ରେ ସଂକଳିତ ହୋଇଥିଲା। ଏହି ନିବନ୍ଧର ସଂଖ୍ୟା ଥିଲା ୩୬ ଓ ଏଥି ସହିତ ଅନ୍ୟ ଦୁଇଟି ନିବନ୍ଧ 'ଆଧୁନିକ ଓଡ଼ିଆ ସାହିତ୍ୟ' (ଡ. ହଜାରୀ ପ୍ରସାଦ ଦ୍ୱିବେଦୀଙ୍କ ସଂପାଦିତ ନାଗରୀ ପ୍ରଚାରିଣୀ ସଭାର ହୀରକ ଜୟନ୍ତୀ ଗ୍ରନ୍ଥରେ ସଂକଳିତ) ଓ 'ଆଧୁନିକ ଓଡ଼ିଆ ସାହିତ୍ୟରେ ସମାଜବାଦୀ ପରମ୍ପରା ଓ ଲେନିନ୍' (ଲେନିନ୍ ଆନ୍ତର୍ଜାତିକ ସଂପାନରେ ପଠିତ) ଗ୍ରନ୍ଥରେ ସ୍ଥାନିତ ହୋଇଛି। ଭାଷାଗତ, ସାଂସ୍କୃତିକ ଓ ତୁଳନାତ୍ମକ ଅନୁଶୀଳନ ଜନିତ ବୈଶିଷ୍ଟ୍ୟ ଦ୍ୱାରା ଗ୍ରନ୍ଥଟିର ପ୍ରବନ୍ଧଗୁଡ଼ିକ ବିମଣ୍ଡିତ ହୋଇଥିବାରୁ ଏହା ପ୍ରଫେସର ମିଶ୍ରଙ୍କ ଦ୍ୱାରା ରଚିତ ଆମ ସମୟର ଏକ ମୂଲ୍ୟବାନ ନିବନ୍ଧ ଗ୍ରନ୍ଥ ଭାବେ ଯେ ବିଦ୍ୱାନ୍‌ମାନଙ୍କ ଦ୍ୱାରା ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ।

### ଉତ୍କଳ ଭାରତୀ

**ରଚୟିତା: କେଶବ ଚନ୍ଦ୍ର ବେହେରା**
**ପ୍ରକାଶକ: ଡି.ଡି. ପ୍ରକାଶନୀ, ତଳତେଲେଙ୍ଗା ବଜାର, କଟକ-୯**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୬୦୦/-**




୧୧୪୪ ପୃଷ୍ଠାର ଏହି ବିଶାଳ ଗ୍ରନ୍ଥରେ ଓଡ଼ିଆ ସାହିତ୍ୟର ଆଦିକାଳରୁ ୧୯୫୦ ମସିହା ମଧ୍ୟରେ ଜନ୍ମିତ କବି ଓ ଲେଖକମାନଙ୍କର କୃତିକୁ ଛନ୍ଦୋବଦ୍ଧ କବିତା ଆକାରରେ ରଚୟିତା ବେହେରା ଲିପିବଦ୍ଧ କରିଛନ୍ତି। ପୁସ୍ତକଟିର ଉପାଦେୟ ଦିଗଟି ହେଲା ବହୁ ଜ୍ଞାତ ଓ ଅଜ୍ଞାତ କବି-ଲେଖକଙ୍କ ରଚିତ / ପ୍ରକାଶିତ ଗ୍ରନ୍ଥ ସଂପର୍କରେ ପାଠକେ ଏଥିରୁ ସୂଚନା ପାଇବେ। ଲେଖକମାନଙ୍କର ରଚନାବଳୀକୁ କବିତାରେ ବଖାଣିବା ବେଳେ ସ୍ଥାନେ ସ୍ଥାନେ ଯେଉଁ ଛନ୍ଦପତନ ଅବଶ୍ୟମ୍ଭାବୀ ହୋଇପଡ଼ିବାର ଆଶଂକା ଥାଏ, ସେହି ଆଶଂକାକୁ ଗ୍ରନ୍ଥଟି ଅମୂଳକ ପ୍ରମାଣ କରିପାରି ନାହିଁ। କିନ୍ତୁ ଏହା ସତ୍ତ୍ୱେ ଗ୍ରନ୍ଥକର୍ତ୍ତା ଓଡ଼ିଆ ସାହିତ୍ୟର କାଳାନୁକ୍ରମିକ ଗନ୍ଧମାର୍ଦ୍ଦନଟିଏ ପାଠକଙ୍କ ସମ୍ମୁଖରେ ଥୋଇ ଦେଇଥିବାରୁ ଗୁଣୀଜନେ ଏଥିରୁ ନିଜ ଅଭିଳଷିତ 'ବିଶଲ୍ୟକରଣୀ' ଆହରଣରେ ଅବଶ୍ୟ ସମର୍ଥ ହେବେ। ବିଭିନ୍ନ ଫୁଲର ନାମାନୁଯାୟୀ ବିଭିନ୍ନ ଅଧ୍ୟାୟର ନାମକରଣ ହୋଇଥିବାରୁ ଏହା ରୁଚିଶୀଳ ହୋଇଛି। 'ଓଡ଼ିଆ ସାହିତ୍ୟର ଇତିହାସ' ପ୍ରଣୟନରେ 'ଉତ୍କଳ ଭାରତୀ' (ପୂର୍ବ ଭାରତର ସାହିତ୍ୟ ସୁନ୍ଦରୀ) ସମ୍ଭବତଃ ପ୍ରଥମ ପଦ୍ୟ-ପ୍ରୟାସ ଓ ଏହି କାରଣରୁ ଅଭିନନ୍ଦନୀୟ।